THE SUNDAY SECTION OF NITIDIN

ନିତିଦିନ NITIDIN

# ନଜର

୧୬ ପୃଷ୍ଠା

ମନୋରଞ୍ଜନ | ରବିବାର ମ୍ୟାଗାଜିନ୍ | ରବିବାର, ୧୫ ଫେବୃଆରୀ ୨୦୨୬



ପୁକି ଆଣିଛି ପ୍ରେମର ପୁଲକ:

# ଜାଗର... ଉଜାଗର



# ଶ୍ରୀ ରାମକୃଷ୍ଣ ଚରିତାମୃତ(୩୩)

ମନୋଜ କୁମାର ମହାପାତ୍ର



କେତେ ଜଣ ଚକ୍ଷୁବାଧିତ ବ୍ୟକ୍ତି ଗୋଟିଏ ହାତୀ ନିକଟରେ ପହଞ୍ଚିଲେ। କେହି ଜଣେ ହାତୀ ବିଷୟରେ କଥାବାର୍ତ୍ତା ହେଉଥିଲେ, ସେ ପଚାରିଲେ - ହାତୀ କିପରି ଦେଖିବାକୁ ? ଯେଉଁ ଅନ୍ଧ ଜଣକ ହାତୀର ପାଦ ସ୍ପର୍ଶ କରିଥିଲା, ସେ କହିଲା ହାତୀ ହେଉଛି ଏକ ଖମ୍ବ ସଦୃଶ। ଯିଏ ହାତୀର କାନ ଛୁଇଁ ଥିଲା, ସେ କହିଲା- ହାତୀ କୁଲା ଭଳି। ଯେଉଁମାନେ ହାତୀର ପେଟ ଓ ଶୁଣ୍ଢ ଛୁଇଁଥିଲେ, ସେମାନେ ହାତୀ ବିଷୟରେ ନିଜର ରାୟ ଅଲଗା ଅଲଗା ଦେଇଥିଲେ। ଠିକ୍ ସେହିଭଳି କଥା ଈଶ୍ୱରଙ୍କ ଉପରେ ମଧ୍ୟ ଲାଗୁ ହେବ। ପ୍ରତ୍ୟେକ ବ୍ୟକ୍ତି ଯିଏ ଈଶ୍ୱରଙ୍କୁ ଅନୁଭବ କରିଛନ୍ତି ସେମାନେ ନିଜ ନିଜର ଅନୁଭବ ଅନୁସାରେ ଈଶ୍ୱରଙ୍କ ବିଷୟରେ କହିଛନ୍ତି।

ଜଣେ ବ୍ୟକ୍ତି ଗୋଟିଏ ବୃକ୍ଷ ତଳେ ଏଣ୍ଟୁଅ ଦେଖିଥିଲା। ସେ ବୃକ୍ଷ ପାଖରୁ ଫେରି ଆସି କହିଲା - ବୃକ୍ଷ ତଳେ ମୁଁ ଏକ ସୁନ୍ଦର ନାଲି ରଙ୍ଗର ଏଣ୍ଟୁଅ ଦେଖିଲି। ଆଉ ଜଣେ କହିଲା-ମୁଁ ତ ତୁମଠୁ ଆଗରୁ ଦେଖିଛି - ଏଣ୍ଟୁଅଟି ଲାଲ୍ ରଙ୍ଗର ନୁହେଁ, ସବୁଜ ରଙ୍ଗର। ମୁଁ ତ ସ୍ୱୟଂ ଆଖିରେ ଦେଖିକି ଆସିଲି। ଏହି ସମୟରେ ତୃତୀୟ ବ୍ୟକ୍ତି ଜଣେ ଉଚ୍ଚ ସ୍ୱରରେ କହିଲା - ମୁଁ ସେଇ ଏଣ୍ଟୁଅକୁ ଜାଣିଛି। ମୁଁ ତୁମ ଦୁଇ ଜଣଙ୍କ ଆଗରୁ ଦେଖିଛି, ସେଇଟା ନା ଥିଲା ଲାଲ୍ ରଙ୍ଗର ନା ସବୁଜ ରଙ୍ଗର। ମୁଁ ନିଜ ଆଖିରେ ଦେଖିଛି - ସେଇ ଏଣ୍ଟୁଅଟା ନୀଳ ରଙ୍ଗର। ଏହି ପ୍ରକାରେ କିଏ ହଳଦିଆ, ଆଉ କିଏ ଧଳା କହିଲା। ନିଜର ସତ୍ୟତା ପାଇଁ ପରସ୍ପର ମଧ୍ୟ ଝଗଡ଼ା ଲାଗିଗଲେ। ବାଟରେ ଯାଉଥିବା ଜଣେ ବ୍ୟକ୍ତି ପଚାରିଲେ - ଖବର କ'ଣ ? ଯେତେବେଳେ ଝଗଡ଼ାର କାରଣ ତାଙ୍କୁ ଜଣାପଡ଼ିଲା ସେ କହିଲେ - ହଁ ତ, ମୁଁ ସେହି ଗଛ ତଳେ ରହୁଛି ଓ ଏଣ୍ଟୁଅ ସମ୍ବନ୍ଧରେ ତୁମେ ସମସ୍ତେ ଠିକ୍ କହିଛ। ଏଣ୍ଟୁଅଟି କେତେବେଳେ ହଳଦିଆ, ଲାଲ୍, ଧଳା ଓ ସବୁଜ, କ୍ରମାନୁସାରେ ରଙ୍ଗ ବଦଳେଇଥାଏ। ବେଳେ ବେଳେ ତାହାର କିଛି ରଙ୍ଗ ବି ନଥାଏ।

ଶ୍ରୀ ରାମକୃଷ୍ଣ ମାନବ-ମନ ଦ୍ୱାରା ଈଶ୍ୱରଙ୍କର ରୂପ ବର୍ଣ୍ଣନା କରିବାର ଦାମ୍ଭିକ ପ୍ରୟାସକୁ ଭର୍ତ୍ସନା କରି କହୁଥିଲେ ଯେ ଏହା ହେଉଛି ପିମ୍ପୁଡ଼ି ଚିନି-ପାହାଡକୁ ଶୁଣ୍ଢରେ ଟେକି ଆଣିବା ଭଳି କଥା। ଶ୍ରୀ ରାମକୃଷ୍ଣଙ୍କର ଏତାଦୃଶ ପ୍ରେରଣାସ୍ପଦ ବାକ୍ୟରେ କେଶବ ସେନ୍ ଏତେ ମାତ୍ରାରେ ପ୍ରଭାବିତ ହୋଇଥିଲେ ଯେ ସେ ଏକ ଆତ୍ମଜ୍ଞାନ ପୁରୁଷ ସମ୍ମୁଖରେ ନିଜକୁ ଶିଶୁ ଭଳି ଭାବିଲେ। ଈଶ୍ୱରଙ୍କର ରୂପ ଓ ଗୁଣକୁ ନେଇ ତାଙ୍କର ମନରେ ଯେଉଁ ମିଥ୍ୟା ଭାବନା ଥିଲା, ତାହା ଏକବାରେ ମୂଳୋତ୍ପାଟିତ ହେଲା। ସେ ଶ୍ରୀ ରାମକୃଷ୍ଣଙ୍କର ସରଳ ତଥା ଭାବଗର୍ଭକ ବାକ୍ୟ ଶ୍ରଦ୍ଧାର ସହିତ ଶୁଣିବାକୁ ଲାଗିଲେ। ଏହାପରେ ସେ କିଛି ଭକ୍ତଙ୍କୁ ସାଙ୍ଗରେ ନେଇ ପ୍ରାୟତଃ ଶ୍ରୀ ରାମକୃଷ୍ଣଙ୍କ ପାଖକୁ ଆସିବାକୁ ଲାଗିଲେ ଏବଂ ଦକ୍ଷିଣେଶ୍ୱରରେ ସେ ତାଙ୍କ ସହିତ ଆଧ୍ୟାତ୍ମିକ ଚର୍ଚ୍ଚାରେ ସମୟ ବିତେଇବାକୁ ଲାଗିଲେ। ଶ୍ରୀ ରାମକୃଷ୍ଣ କେବେ କେବେ କେଶବଙ୍କୁ ଭେଟିବା ପାଇଁ କଲିକତା ମଧ୍ୟ ଯାଉଥିଲେ।

'ଟ୍ରିବ୍ୟୁନ୍' ପତ୍ରିକାର ସଂପାଦକ ନଗେନ୍ଦ୍ରନାଥ ଗୁପ୍ତ ଯିଏ ଏମିତି ଏକ ସାକ୍ଷାତ ଆଲୋଚନା ଅବସରରେ ଉପସ୍ଥିତ ଥିଲେ, ସେ ମହାପୁରୁଷଙ୍କ ମିଳନର ସୁନ୍ଦର ବୃତ୍ତାନ୍ତ ପ୍ରସ୍ତୁତ କରିଥିଲେ। ସେ ଲେଖିଥିଲେ - କେଶବଙ୍କର ହାର୍ଦ୍ଦିକ ଇଚ୍ଛାରେ ପରମହଂସଙ୍କୁ ଦେଖିବାକୁ ମୁଁ ଦକ୍ଷିଣେଶ୍ୱର ଯାଇଥିଲି। ମନ୍ଦିରର ବେଢ଼ା ଭିତରେ ଆମର ଭେଟ ହୋଇନଥିଲା। କେଶବ ଏକ ଛୋଟ ଦଳ ସହିତ ଷ୍ଟିମବୋଟ୍‌ରେ ନଦୀର ଜଳପଥରେ ଆସିଥିଲେ। ସେହି ଦଳରେ ମୁଁ ବି ଥିଲି। ମୋଟରବୋଟ୍‌ଟି ତାଙ୍କ କ୍ୱାଇଁ କୁଚବିହାରର ମହାରାଜା ନୃପେନ୍ଦ୍ର ନାରାୟଣଙ୍କର ଥିଲା। ଦକ୍ଷିଣେଶ୍ୱରରେ ଶ୍ରୀ ରାମକୃଷ୍ଣ ନିଜର ଭଣଜା ହୃଦୟଙ୍କ ସଙ୍ଗେ ନୌକାରେ ଚଢ଼ିଥିଲେ। ନୌକାର ଗତି ଜଳ ସ୍ରୋତ ପ୍ରବାହର ବିପରୀତ ଦିଗକୁ ଚାଲିବାକୁ ଲାଗିଲା। ଶ୍ରୀ ରାମକୃଷ୍ଣ ଓ କେଶବ ପରସ୍ପର ଆମ୍ନା ସାମ୍ନା ହେଇ ଡେକ୍‌ର ପଟରି ଉପରେ ଚେକାମାଡି ବସିଲେ ଏବଂ ସେ ଦୁହେଁ ପୂରା ପାଖାପାଖି ବସିଥିଲେ। (କ୍ରମଶଃ)

ଫୋନ୍-୯୯୩୭୨୯୭୦୩୯

# ଜ୍ଞାନର ଅଭାବରୁ ଅହଂକାରର ସୃଷ୍ଟି

ଜ୍ଞାନ ହେଉଛି ଆଲୋକ, ଯାହା ଅଜ୍ଞାନତା ରୂପକ ଅନ୍ଧକାରକୁ ଦୂର କରେ। ଗୋଟିଏ ଗୁରୁକୁଳରେ ଜଣେ ଚତୁର ଶିଷ୍ୟ ଥିଲା। ସେ ବହୁତ ଗୁଡ଼ିଏ ଶାସ୍ତ୍ର ଅଧ୍ୟୟନ କରୁଥିଲା। ସଂସାରର ଅନେକ କଥା ଜାଣିଥିଲା କିନ୍ତୁ ତା' ମନରେ ସ୍ଥିରତା ନଥିଲା। ତେଣୁ ସେ ମନରେ ସର୍ବଦା ଅସନ୍ତୁଷ୍ଟ। ଦିନେ ସେ ତା'ର ଗୁରୁଙ୍କୁ ପଚାରିଲା 'ଗୁରୁଦେବ, ମୋର ଏତେ ଜ୍ଞାନ ଅଛି, କିନ୍ତୁ ଭିତରେ ଏତେ ଖାଲିପଣ କାହିଁକି ? ଗୁରୁ ତାକୁ ଆଶ୍ରମର ପଛପଟକୁ ନେଇଗଲେ। ସେଠାରେ ଏକ ଜଳପୂର୍ଣ୍ଣ ପାତ୍ର ଥିଲା, କିନ୍ତୁ ତଳ ଆଡୁ ଧୀରେ ଧୀରେ ପାଣି ଗଳି ଯାଉଥିଲା। ଗୁରୁଦେବ ପଚାରିଲେ, ଏହା ଜଳପୂର୍ଣ୍ଣ ପାତ୍ର କି ? ଶିଷ୍ୟ ଉତ୍ତର ଦେଲେ, ଏବେ ତ ପାତ୍ରରେ ଜଳପୂର୍ଣ୍ଣ ଅଛି। କିନ୍ତୁ ଏହା କିଛି ସମୟ ପରେ ଖାଲି ହୋଇଯିବ, ଗୁରୁଦେବ କହିଲେ। ଏପରି ସ୍ଥିତି ତୁମର। ଗୁରୁ କହିଲେ, ତୁମେ ଜ୍ଞାନ ଆହରଣ କରୁଛ ସତ କିନ୍ତୁ ତୁମର ଅନୁଶାସନର ଅଭାବ ରହିଛି। ତୁମର ବିଚାର ଭଲ, କିନ୍ତୁ ତାହାକୁ ଆଚରଣରେ ବ୍ୟବହାର କରୁନାହିଁ। ଯେଉଁ ଜୀବନରେ ସଂକଳ୍ପର ଆଧାର ନାହିଁ, ସେହି ଜୀବନ ଜ୍ଞାନରେ ପରିପୂର୍ଣ୍ଣ ହେଲେ ମଧ୍ୟ ଭିତରେ ଖାଲିପଣ ରହିଥାଏ। ଗୁରୁ ଘଡାର କଣାଟିକୁ ବନ୍ଦ କରିଦେଲେ। କିଛି ସମୟ ପରେ ଘଡାର ପାଣି ନ ବୋହି ସ୍ଥିର ହୋଇଗଲା। ଗୁରୁ କହିଲେ, ଜ୍ଞାନ ସେତେବେଳେ ଶକ୍ତିଶାଳୀ ହୋଇଯାଏ ଯେତେବେଳେ ଏହା ଚରିତ୍ରରେ ପରିପ୍ରକାଶ ହୁଏ। ନଚେତ୍ ଏହି ଜ୍ଞାନ କେବଳ ବୋଝ ହୋଇଯାଏ। ସେହି ମୁହୂର୍ତ୍ତରେ ଶିଷ୍ୟଟି ଅନୁଭବ କଲା ଯେ ସମସ୍ୟା ଜ୍ଞାନର ଅଭାବ ନୁହେଁ, ବରଂ ସ୍ଥିରତାର ନୈତିକତାର ଅଭାବ। ଭାରତୀୟ ବେଦାନ୍ତ ଦର୍ଶନରେ ଜ୍ଞାନର ଅଭାବକୁ 'ଅବିଦ୍ୟା' କୁହାଯାଏ । ଅବିଦ୍ୟା କାରଣରୁ ମନୁଷ୍ୟ ସତ୍ୟ ଓ ଅସତ୍ୟ ମଧ୍ୟରେ ପାର୍ଥକ୍ୟ ଜାଣିପାରେ ନାହିଁ। 'ତମସୋ ମା ଜ୍ୟୋତିର୍ଗମୟ' - ଅର୍ଥାତ୍ ଅଜ୍ଞାନତା ରୂପକ ଅନ୍ଧକାରରୁ ଜ୍ଞାନ ରୂପକ ଆଲୋକ ଆଡ଼କୁ ଗତି କରିବା ହିଁ ଜୀବନର ମୂଳ ଲକ୍ଷ୍ୟ । ଅନେକ ସମୟରେ ଜ୍ଞାନର ଅଭାବ ଅହଂକାରକୁ ଜନ୍ମ ଦିଏ। ଯେତେବେଳେ ବ୍ୟକ୍ତିର ଜ୍ଞାନ ସୀମିତ ହୁଏ, ସେତେବେଳେ ସେ ନିଜକୁ ସର୍ବଜ୍ଞାତା ମନେକରେ। ପ୍ରକୃତ ଜ୍ଞାନୀ ସଦା ବିନମ୍ର ହୋଇଥାଏ। ମହାନ୍ ଗ୍ରୀକ୍ ଦାର୍ଶନିକ ସକ୍ରେଟିସ୍ ସଦା ନିଜକୁ ଅନୁଭବ କରୁଥିଲେ, ଜ୍ଞାନର ଅଭାବ ସର୍ବୋତ୍ତମ ଶିକ୍ଷାର ପରିଭାଷା। ଯେଉଁ ବ୍ୟକ୍ତି ନିଜର ଅଜ୍ଞାନତା ବିଷୟରେ ସଚେତନ, ସିଏ ହିଁ ପ୍ରକୃତରେ ଜ୍ଞାନ ପାଇଁ ଯୋଗ୍ୟ। ଅନ୍ୟପକ୍ଷରେ, 'ଭ୍ରମାତ୍ମକ ଜ୍ଞାନ' ବା 'ସବୁ ଜାଣିଛି ବୋଲି ଭାବିବା' ପ୍ରକୃତ ଅଜ୍ଞାନତାଠାରୁ ଅଧିକ ବିପଜ୍ଜନକ। ସଂସାରରେ ସବୁକିଛି ଜାଣିବା ସମ୍ଭବ ନୁହେଁ, କିନ୍ତୁ ଜଣେ 'ନିରନ୍ତର ଶିକ୍ଷାର୍ଥୀ' ହୋଇ ରହିବା ହିଁ ଜ୍ଞାନୀର ପ୍ରକୃତ ଦର୍ଶନ। ଜ୍ଞାନର ସୀମାକୁ ବୁଝିବା ଏବଂ ନିଜର ଅଜ୍ଞାନତାକୁ ସମ୍ମାନ ଦେବା ହିଁ ମନୁଷ୍ୟକୁ ସତ୍ୟର ନିକଟତର କରାଇଥାଏ। ଜର୍ମାନୀ ଦାର୍ଶନିକ ଇମାନୁଏଲ୍ କାଣ୍ଟ ଜ୍ଞାନକୁ ଦୁଇ ଭାଗରେ ବିଭକ୍ତ କରିଥିଲେ: ୧. ଯାହାକୁ ଆମେ ଅନୁଭବ କରୁ, ୨. ଯାହା ଆମ ଜ୍ଞାନର ବାହାରେ। କାଣ୍ଟଙ୍କ ମତରେ, ଆମେ କେବଳ ବସ୍ତୁର ବାହ୍ୟ ରୂପକୁ ଜାଣିପାରୁ। କିନ୍ତୁ ତାର ଅନ୍ତର୍ନିହିତ ସତ୍ୟ ବା 'ପରମ ସତ୍ୟ' ପାଖରେ ପହଞ୍ଚିବା ମାନବ ଜ୍ଞାନ ପାଇଁ ସମ୍ଭବ ନୁହେଁ। କେବଳ ଭୌତିକ ଜଗତ ନୁହେଁ, ବରଂ ଜୀବନ, ମୃତ୍ୟୁ ଆତ୍ମା ଇତ୍ୟାଦି ବିଷୟରେ ଆମର ଜ୍ଞାନ ସୀମିତ। ଈଶ୍ୱର ଅଛନ୍ତି କି ନାହିଁ, ମୃତ୍ୟୁ ପରେ କ'ଣ ହୁଏ। ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଯୁକ୍ତି ବା ପ୍ରମାଣ ଦ୍ୱାରା ସମ୍ଭବ ନୁହେଁ। ଏହାକୁ କେବଳ 'ବିଶ୍ୱାସ' କିମ୍ବା 'ଅନୁଭୂତି' ମାଧ୍ୟମରେ ଅନୁଭବ କରାଯାଇ ପାରେ। ଜ୍ଞାନର ସୀମା ରହିଛି ବୋଲି ସ୍ୱୀକାର କରିବା ହିଁ ପ୍ରକୃତ ଜ୍ଞାନୀର ଲକ୍ଷଣ। ଏହି ସୀମା ଆମକୁ ଅହଂକାର ଶୂନ୍ୟ କରାଇଥାଏ। ଏଥିରେ କିଛି ନୂଆ ଶିଖିବାର ଜାଣିବାର ଜିଜ୍ଞାସା ସୃଷ୍ଟି କରେ। ଆମେ ସୀମିତ ଜ୍ଞାନ ମଧ୍ୟରେ ନରହି ଅସୀମ ଜ୍ଞାନ ଆଡକୁ ନିରନ୍ତର ପ୍ରୟାସ କରିବା ଜୀବନର ଲକ୍ଷ୍ୟ ହେବା ଉଚିତ୍।

ଲଳିତ ମୋହନ ମିଶ୍ର, ନୟାଗଡ଼,
ମୋ-୯୪୩୭୯୮୫୮୬୬

ପ୍ରଚ୍ଛଦ

**ଭକ୍ତି ଉପାସନା ଧାରାରେ ସମଗ୍ର ବିଶ୍ୱରେ ଭାରତବର୍ଷର ସ୍ଥାନ ଅନନ୍ୟ। ଏହି ପୁଣ୍ୟଭୂମିରେ ପ୍ରତ୍ୟେକ ପର୍ବପର୍ବାଣୀ ପଛରେ କିଛି ନା କିଛି ପୌରାଣିକ ପ୍ରସଙ୍ଗ ରହିଥାଏ। ଦେବାଧିଦେବ ମହାଦେବଙ୍କ ଅତି ପ୍ରିୟ ମହାନ ଶିବରାତ୍ରି ସମ୍ପର୍କିତ ପୁରାଣ ପ୍ରସଙ୍ଗ ଏଠି ଆଲୋଚନାର ବିଷୟ। ଏକଦା ବିଶ୍ୱ ନିର୍ମାତା ସୃଷ୍ଟି କର୍ତ୍ତା ବ୍ରହ୍ମା ଏବଂ ପାଳନ କର୍ତ୍ତା ଭଗବାନ ବିଷ୍ଣୁଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ କିଏ ଜାଣିବା ନିମନ୍ତେ ଆରମ୍ଭ ହୋଇଥିବା ପ୍ରୟାସ କ୍ରମଶଃ ସ୍ୱାର୍ଥକୈନ୍ଦ୍ରିକ ହୋଇ ଭୟଙ୍କର ରୂପ ଧାରଣ କରିଥିଲା। ସ୍ୱୟଂ ମହାଦେବ ଏହାର ସମାଧାନ ନିମନ୍ତେ ନିଷ୍ପତ୍ତି ନେଇଥିଲେ। ତତ୍କ୍ଷଣ ଏକ ସର୍ବବୃହତ ଦିବ୍ୟ ଜ୍ୟୋତିର୍ଲିଙ୍ଗ ରୂପେ ପ୍ରତ୍ୟକ୍ଷ ହୋଇ ଥିଲେ। ଏହି ଜ୍ୟୋତିର୍ଲିଙ୍ଗର ଆଦି ଅନ୍ତ ଏବଂ ସ୍ୱରୂପ ନିରୂପଣ କରି ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ପାଇଁ ଦୁଇ ଦେବଙ୍କୁ ଅନୁଗ୍ରହ କରିଥିଲେ।**

**ଦିଲ୍ଲୀପ ଶତପଥୀ**

# ଜାଗର...ଉଜାଗର



ପ୍ରଥମେ ବ୍ରହ୍ମା ଏକ ହଂସ ରୂପ ଧାରଣ କରି ମହାଲିଙ୍ଗର ଅଗ୍ରଭାଗ ଦର୍ଶନ ନିମନ୍ତେ ମହାକାଶକୁ ଉଡି ଉଡି ଚାଲିଲେ। କିନ୍ତୁ ଅଗ୍ରଭାଗ ତ ଦୂରର କଥା ଆନୁମାନିକ ରାସ୍ତା ମଧ୍ୟ ଅତିକ୍ରମ କରି ପାରିଲେ ନାହିଁ। ଏହି ସମୟରେ ବ୍ରହ୍ମା ଦେଖିଲେ ଏକ ବାସହୀନ ଶୁଷ୍କ ଝରା କେତକୀ ପୁଷ୍ପ ଆକାଶରୁ ତଳକୁ ଖସୁଛି। ବ୍ରହ୍ମା ତାକୁ ନିଜ ପକ୍ଷରେ ସ୍ଥାନ ଦେଲେ ଏବଂ ନିଜର ପରିଚୟ ଦେଇ ପଚାରିଲେ 'ହେ ପୁଷ୍ପ ତୁମେ କେଉଁ ଠାରୁ ପତିତ ହେଲ, ନିକଟରେ କୌଣସି ବୃକ୍ଷର ସ୍ଥିତି ଅସମ୍ଭବ'। ଏହା ଶୁଣି କେତକୀ ମହାଲିଙ୍ଗଙ୍କ ମସ୍ତକରୁ ଖସି ଆସିଥିବା କଥା କହିଥିଲେ। ଲିଙ୍ଗର ଶୀର୍ଷ ସ୍ଥାନର ମାର୍ଗ ଏବଂ ଦୂରତ୍ୱ ଜିଜ୍ଞାସା କରନ୍ତେ, ପୁଷ୍ପ ଉତ୍ତର ଦେଲେ 'ମୁଁ କେବେ ଠାରୁ ଲିଙ୍ଗ ତ୍ୟାଗ କରି ଆକାଶ ମାର୍ଗରେ ଖସୁଛି କହି ପାରିବି ନାହିଁ'। ଦୂରତ୍ୱ ଆକଳନ କରିବା ମୋ ଜ୍ଞାନ ବାହାରେ। ସେଇଠୁ ବ୍ରହ୍ମା ଜ୍ୟୋତିର୍ଲିଙ୍ଗ ଶୀର୍ଷକୁ ବୃଥା ଯାତ୍ରା ତ୍ୟାଗ କରି ଫେରିବା ନିଷ୍ପତ୍ତି ନେଲେ ଏବଂ କେତକୀକୁ ବ୍ରହ୍ମା ଲିଙ୍ଗର ମସ୍ତକରୁ ଆଣିଥିବା କଥା, ସର୍ବସମ୍ମୁଖରେ ପ୍ରକାଶ କରିବା ପାଇଁ ବାଧ କରିଥିଲେ। କେତକୀ ମଧ୍ୟ ବ୍ରହ୍ମାଙ୍କ ପ୍ରତି ଭକ୍ତି ଅଥବା ଭୟର କାରଣରୁ ମିଛ କହିବାର ପ୍ରତିଶ୍ରୁତି ଦେଇଥିଲେ।

ଅନ୍ୟ ପକ୍ଷରେ ବିଷ୍ଣୁ ବରାହ ରୂପ ଧାରଣ କରି, ଲିଙ୍ଗର ଉତ୍ପତ୍ତି ସ୍ଥାନ ନିରୂପଣ କରିବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ବିଷ୍ଣୁ ଅତଳ ସାଗରର ଯେତେ ଯେତେ ଗଭୀରକୁ ଗଲେ ଜ୍ୟୋତିର୍ଲିଙ୍ଗ ସେତିକି ସେତିକି ପୋତି ହୋଇ ଯାଉଥିଲା। ବିଷ୍ଣୁ ମହାଲିଙ୍ଗର ଉତ୍ପତ୍ତି ସ୍ଥାନ ଦର୍ଶନ କରି ନପାରିଥିବା ସ୍ୱୀକାର କରିଥିବା ବେଳେ, ବ୍ରହ୍ମା ଗର୍ବର ସହିତ ମହାଲିଙ୍ଗ ଅଗ୍ରଭାଗ ଦର୍ଶନ କରି, ସାକ୍ଷୀ ରୂପେ ଏହି କେତକୀ ପୁଷ୍ପକୁ ଆଣିଥିବା ବର୍ଣ୍ଣନା କରିଥିଲେ। ବ୍ରହ୍ମାଙ୍କ ଅନୁରୋଧ ଏବଂ ଚାପରେ ପଡି କେତକୀ ଫୁଲ ଅସତ୍ୟ ପ୍ରକାଶ କରିଥିଲା। ବ୍ରହ୍ମା ଏବଂ କେତକୀ ଫୁଲର ମିଥ୍ୟା ଆଶ୍ରୟ ପୂର୍ବକ ଶଠତା ସହ୍ୟ କରି ନପାରି ମହାଦେବ ମହାଲିଙ୍ଗରୁ ଉଗ୍ର ରୂପ ଧାରଣ କରି 'ବ୍ରହ୍ମା ମିଥ୍ୟାବାଦୀ ଏବଂ କେତକୀ ତାଙ୍କର ସହାୟତା କରି ଭୁଲ କରିଛି' ବୋଲି ଚିତ୍କାର କରି, 'କେତକୀ ଆଜିଠାରୁ ମୋ ନିକଟରେ ରହିବାର ଯୋଗ୍ୟତା ହରାଇଛି' ବୋଲି କହିଥିଲେ। ଶିବଙ୍କ ପୂଜା ଅର୍ଚ୍ଚନାରେ କେତକୀ ଫୁଲକୁ ବର୍ଜନ କରିବା ପାଇଁ ଭକ୍ତଗଣଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ରହ୍ମାଙ୍କର ଯେଉଁ ମସ୍ତକ ମିଥ୍ୟାର ଆଶ୍ରୟ ନେଇ ମହାଦେବଙ୍କ ସମ୍ମୁଖରେ ମିଛ କହିଥିଲା ସେହି ପଞ୍ଚମ ମସ୍ତକକୁ ମହାଦେବଙ୍କ ଆଦେଶରେ କାଳ ଭୈରବ ବ୍ରହ୍ମାଙ୍କ ବେକରୁ ଛେଦନ କରିଥିଲେ। ସମଗ୍ର ବ୍ରହ୍ମାଣ୍ଡରେ ବ୍ରହ୍ମାଙ୍କୁ ଅପୂଜ୍ୟ କରି ଦେଇଥିଲେ। ସତ୍ୟବାଦୀ ରୂପେ ବିଷ୍ଣୁଙ୍କ ପ୍ରତି ପ୍ରସନ୍ନ ହୋଇ ଭୂପୃଷ୍ଠରେ ଏବଂ ବୈକୁଣ୍ଠରେ ସମୁଚିତ ସ୍ଥାନ ପ୍ରଦାନ କରିବା ସହିତ ଅଭିନ୍ନ ପୂଜା ଉପଭୋଗ କରି ପାରିବେ ବୋଲି ଆଶିର୍ବଚନ ଦେଇଥିଲେ। ମହାଦେବଙ୍କ ମହାକ୍ରୋଧରୁ ଉଦ୍ଧାର ନିମନ୍ତେ ବ୍ରହ୍ମା, ବିଷ୍ଣୁ ଅନେକ ଆରାଧନା କରି ଲିଙ୍ଗରାଜଙ୍କୁ ସନ୍ତୁଷ୍ଟି ପୂର୍ବକ ସର୍ବ ଶ୍ରେଷ୍ଠ ସ୍ଥାନ ପ୍ରଦାନ କରିଥିଲେ।

ଶିବ କ୍ରୋଧ ଏବଂ ଅଭିଶାପରେ ବ୍ୟଥିତ ହୋଇ କେତକୀ ଶିବଙ୍କୁ ଅନୁରୋଧ କଲା, ହେ ପ୍ରଭୁ ! ଯୁଗ ଯୁଗ ଧରି ମୋର ସୁଗନ୍ଧରେ କୌଣସି ଊଣା ନକରି ନିସ୍ୱାର୍ଥପର ଭାବେ ଆପଣଙ୍କ ମସ୍ତକ ମଣ୍ଡନ କରିଛି, ଯଦି କୌଣସି ପୁଣ୍ୟ ଥାଏ ମୋତେ ଏହି ଗୋଟିଏ ଭୁଲ ପାଇଁ କ୍ଷମା ପ୍ରଦାନ କରନ୍ତୁ। ମୋତେ ଆପଣଙ୍କ ସେବାରୁ ବଞ୍ଚିତ କରନ୍ତୁ ନାହିଁ। ଶଙ୍କର କେତକୀ ଫୁଲକୁ କହିଲେ, 'ମୋର ଅଭିଶାପ ନିଷ୍ଫଳ ଯିବ ନାହିଁ, କିନ୍ତୁ ତୋ'ର ପ୍ରାର୍ଥନା ଅନୁଯାୟୀ ସ୍ୱୀକାର କରୁଛି, ଶିବରାତ୍ରି ଗୋଟିଏ ଦିନ ତୁ ମୋର ଶିର ମଣ୍ଡନ କରିବୁ।' ତୁ ସତୀ ପୁଷ୍ପ ରୂପେ ଖ୍ୟାତ ହେବୁ । ଭ୍ରମର ଅଥବା କୌଣସି କିଟ ତୋତେ ସ୍ପର୍ଶ କରି ପାରିବେ ନାହିଁ। ସେଥିପାଇଁ ଶିବରାତ୍ରି ଦିନ ପ୍ରଭୁ ଶିବଙ୍କ ପୂଜାରେ କେତକୀ ଫୁଲର ବହୁ ଚାହିଦା ରହିଥାଏ। ଏଣେ ଅଭିଶାପରୁ ମୁକ୍ତ ହେବା ପାଇଁ ବେଦପତି ବ୍ରହ୍ମା ଶିବଙ୍କ ପାଖରେ ଆକୁଳ ପ୍ରାର୍ଥନା କରିବାରୁ ଶିବ ତାଙ୍କୁ କହିଲେ ପବିତ୍ର ବୈତରଣୀ ନଦୀ କୂଳରେ ଏକ ଯଜ୍ଞ କରି ଯଜ୍ଞପୁରୁଷ ବିଷ୍ଣୁଙ୍କୁ ସନ୍ତୁଷ୍ଟ କରି ପାରିଲେ ତୁମେ ଏ ଅଭିଶାପରୁ ମୁକ୍ତି ପାଇବ। ବ୍ରହ୍ମା, ବିରଜା କ୍ଷେତ୍ରକୁ ଯଜ୍ଞ ସ୍ଥାନ ରୂପେ ନିରୂପଣ କରି ପୁଣ୍ୟତୋୟା ବୈତରଣୀ ନଦୀଙ୍କୁ ଏହି କ୍ଷେତ୍ରରେ ପ୍ରବାହିତ ହେବା ପାଇଁ ଅନୁରୋଧ କଲେ। ବ୍ରହ୍ମାଙ୍କ ସ୍ତୁତିରେ ସନ୍ତୁଷ୍ଟା ବୈତରଣୀ ସ୍ୱର୍ଗ ରାଜ୍ୟରୁ ଗୋନାସିକା ପର୍ବତରେ ଧରା ଅବତରଣ କରି

ବ୍ରହ୍ମାଙ୍କ ପଛେପଛେ କୁଳୁକୁଳୁ ନାଦରେ ବହି ଆସିଲେ। ପୁଣ୍ୟତୋୟା ବୈତରଣୀଙ୍କ ପ୍ରବାହିତ ହେବାପରେ ବ୍ରହ୍ମା ତାଙ୍କ ତଟ ଦଶାଶ୍ୱମେଧ ଘାଟ ଠାରେ ଏକ ଭବ୍ୟ ଯଜ୍ଞ କରି ଶାପ ମୁକ୍ତ ହେଲେ। ଏହି ବ୍ରହ୍ମ ଯଜ୍ଞରେ ସନ୍ତୁଷ୍ଟ ହୋଇ ଭଗବାନ ବିଷ୍ଣୁ, ବରାହ ରୂପରେ ଆବିର୍ଭୂତ ହେଲେ। ଯାଜପୁରର କ୍ଷେତ୍ରେଶ୍ୱରୀ ମାଆ ବିରଜା ମଧ୍ୟ ଏହି ବ୍ରହ୍ମା ଯଜ୍ଞ ସମ୍ଭୂତାକ୍ଷ ଯାଜପୁରଠାରେ ଏବେ ବିରାଜିତ ସେହି ଯଜ୍ଞ ବରାହ, ବରାହନାଥ ଓ ମାଆ ବିରଜା।


ମହାଶିବରାତ୍ରିର ମାହାତ୍ମ୍ୟ ଆଲୋଚନା କଲା ସମୟରେ ଶିବ ପୁରାଣର ଅନ୍ୟଏକ ତଥ୍ୟ ଅନୁସାରେ, ଅମୃତ ପ୍ରାପ୍ତିର ଆକାଂକ୍ଷାରେ ଦେବତା ଏବଂ ଓ ଅସୁରମାନଙ୍କ ଦ୍ୱାରା ସମୁଦ୍ର ମନ୍ଥନ କରା ଯାଇଥିଲା। ସେଥିରୁ ବାହାରିଥିବା ଚଉଦ ଗୋଟି ଅମୁଲ୍ୟ ରତ୍ନ ଯେପରି ଉଚ୍ଚୈଶ୍ରବା ଅଶ୍ୱ, ଐରାବତ ହସ୍ତୀ, କାମଧେନୁ ଗାଈ, କୌସ୍ତୁଭ ମଣି, କଳ୍ପ ବୃକ୍ଷ, ଅପ୍ସରୀ, ପଞ୍ଚଜନ୍ୟ ଶଙ୍ଖ, ଚନ୍ଦ୍ର, ମା ଲକ୍ଷ୍ମୀ, ବାରୁଣୀ, ପାରିଜାତ ପୁଷ୍ପ, ଅମୃତ କଳସ, ପ୍ରଭୁ ଧନ୍ୱନ୍ତରୀ। ସମସ୍ତ ଦ୍ରବ୍ୟ ବ୍ୟତୀତ ହଳାହଳ ବିଷ ବା ଜହର ନିର୍ଗତ ହୋଇଥିଲା ବାସୁକୀ ମୁଖରୁ। ବ୍ରହ୍ମାଣ୍ଡ ଧ୍ୱଂସକାରୀ ବିଷକୁ ମହାଦେବ ଶିବ କାଳ ବିଳମ୍ବ ନକରି ପାନକରି ଧରାକୁ ଏକ ଆସନ୍ନ ବିପଦରୁ ଉଦ୍ଧାର କରିଥିଲେ। ଏହି ବିଷକୁ ପାନ କରିବା ପରେ ବିଷର ଜ୍ୱାଳାରେ ସେ ମୂର୍ଚ୍ଛା ହୋଇଯାଇଥିଲେ, ଶରୀର ନୀଳ ବର୍ଣ୍ଣ ଏବଂ କଣ୍ଠ ନୀଳ ରଙ୍ଗ ଧାରଣ କରିଥିଲା। ତାଙ୍କର ସଂଜ୍ଞା ନଫେରିବା ପର୍ଯ୍ୟନ୍ତ ଦେବଗଣ ଓ ଶୈବବୃନ୍ଦ ଅଖଣ୍ଡ ପ୍ରଦୀପ ପ୍ରଜ୍ୱଳନ କରି ଉଜାଗରରେ ବସିଥିଲେ। ସେହିରାତିକୁ ମନେପକାଇ ଶ୍ରଦ୍ଧାଳୁମାନେ ମହାଶିବରାତ୍ରି ପାଳନ କରିଥାନ୍ତି।

ମହାଭାରତର ଶାନ୍ତିପର୍ବରେ ବର୍ଣ୍ଣିତ ତଥ୍ୟ ଅନୁସାରେ ପିତାମହ ଭୀଷ୍ମ ଶରଶଯ୍ୟାରେ ଥାଇ ଧର୍ମୋପଦେଶ ଦେଲାବେଳେ ମହାଶିବରାତ୍ରି ପାଳନ ସମ୍ପର୍କରେ ଇକ୍ଷାକୁ ବଂଶର ରାଜା ଚିତ୍ରଭାନୁଙ୍କ କାହାଣୀ ଉଦ୍ଧାର କରିଥିଲେ। ଜମ୍ବୁଦ୍ୱୀପର ରାଜା ଚିତ୍ରଭାନୁଙ୍କ ସ୍ତ୍ରୀ ଥରେ ଶିବରାତ୍ରି ଉପବାସ ପାଳନ କରିଥିଲେ। ସେ ସମୟରେ ଋଷି ଅଷ୍ଟବକ୍ର ରାଜଦରବାରକୁ ଆସି ରାଜାଙ୍କୁ ଏହି ଦିବସ ପାଳନର କାରଣ ପଚାରିଥିଲେ। ରାଜା ନିଜ ପୂର୍ବଜନ୍ମର କାହାଣୀ ବର୍ଣ୍ଣନା କଲେ: ପୂର୍ବଜନ୍ମରେ ସୁସ୍ୱର ନାମରେ ସେ ଜଣେ ଶିକାରୀ ଥିଲେ। ଏକ ଦିନର କଥା ଶିକାର ନିପୁଣ ବ୍ୟାଧ ଜୀବନରେ ଲକ୍ଷ ଭ୍ରଷ୍ଟ ନହୋଇ ଅସଂଖ୍ୟ ପଶୁଙ୍କୁ ହତ୍ୟା କରିଥିବା ଶିକାରୀ ହାତରେ କୌଣସି ଶିକାର ନପଡିବା ଏବଂ ବଣରେ ବୁଲୁବୁଲୁ ହିଂସ୍ର ପଶୁମାନଙ୍କ ଦ୍ୱାରା ଆହତ ହେବା ଏକ ବିଡମ୍ବନା ଥିଲା। ସନ୍ଧ୍ୟା ଆଗତ ହେତୁ ହିଂସ୍ର ଜନ୍ତୁଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ନିକଟସ୍ଥ ଏକ କଣ୍ଟା ବୃକ୍ଷରେ ଆଶ୍ରୟ ନେଲା। ସେହି କଣ୍ଟା ବୃକ୍ଷ ପ୍ରକୃତରେ ଏକ ବେଲ ବୃକ୍ଷ ଥିଲା । ରାତିସାରା ଉଜାଗର ରହିବା ପାଇଁ(ନିଦ ଆସିଲେ ତଳେ ପଡିଯିବାର ଭୟ, ଶିକାରୀ ନିଜେ ଶିକାର ହୋଇଯିବାର ଭୟ) ବେଲପତ୍ର ଛିଡ଼ାଇ ତଳକୁ ପକାଇବା ସହ ନିଜ ପରିବାର କଥା ଭାବି ଲୁହ ଝରାଇବାକୁ ଲାଗିଲେ। ଶିଶିର ପଡ଼ିଥିବା ବେଲପତ୍ର ଏବଂ ନିଜ ଲୁହ ତାଙ୍କ ଅଜାଣତରେ ସେହି ବିଲ୍ୱ ବୃକ୍ଷର ପାଦଦେଶରେ ଥିବା ଲୁକାୟିତ ଶିବଲିଙ୍ଗ ଉପରେ ପଡୁଥାଏ। ସକାଳ ହେଲା ହେଲେ ବ୍ୟାଧ ସମ୍ପୂର୍ଣ୍ଣ ଅନାହାର, ଉଜାଗର ଏବଂ ଥଣ୍ଡା, କୁହୁଡିରେ ଅତ୍ୟଧିକ ରକ୍ତ କ୍ଷରଣ ହେତୁ ଚେତାଶୂନ୍ୟ ଭାବେ ବୃକ୍ଷରୁ ତଳକୁ ଖସି ମୃତ୍ୟୁବରଣ କଲା।

ମୃତ୍ୟୁର ପରବର୍ତ୍ତୀ ପର୍ଯ୍ୟାୟରେ ବ୍ୟାଧର ଆତ୍ମାକୁ ଯମଦୂତ ମାନେ କବଳିତ କରିବା ଉଦ୍ଦେଶ୍ୟରେ ଭୂପୃଷ୍ଠରେ ଅବତରଣ କରନ୍ତେ ଦେଖିବାକୁ ପାଇଲେ, ଶିବଗଣମାନେ ଦିବ୍ୟ ବିମାନରେ ଆସି ସେହି ଆତ୍ମାକୁ ଶିବଲୋକ ନେବା ପାଇଁ ପ୍ରସ୍ତୁତି ପଥେ ଅଗ୍ରସର ହେଉଛନ୍ତି। ଯମଦୂତମାନେ ତା'ର ପ୍ରାକ ନୃଶଂସତା ଏବଂ ବର୍ବରତା ପୂର୍ଣ୍ଣ ଜୀବ ହତ୍ୟାର ଚିଠା ଦେଖାଇ ତା'ର ମହାପାପର ପ୍ରାୟଶ୍ଚିତ ପାଇଁ ଯମଲୋକ ଯିବା ଜରୁରୀ ଯୁକ୍ତି ବାଢିଥିବା ବେଳେ, ଶିବଗଣଙ୍କର ଆଦେଶ ଥିଲା ଏହି ଭକ୍ତ ଶିବରାତ୍ରି ପୂର୍ବ ଦିନରୁ ଉପବାସରେ ରହି ଉଜାଗର ପୂର୍ବକ ସଦ୍ୟ ବିଲ୍ୱ ପତ୍ର ଅର୍ପଣ ଏବଂ ନିର୍ମଳ ଜଳରେ ଶିବ ଲିଙ୍ଗଙ୍କୁ ସ୍ନାନ କରାଇ ଅଛନ୍ତି। ଏହି ପୂଜା ସମୟରେ ସେ କୌଣସି ପାପ କାର୍ଯ୍ୟରେ ଲିପ୍ତ ନାହାନ୍ତି। ତେଣୁ ଦେବ ଦେବ ମହାଦେବ ତାଙ୍କର ଅଜାଣତରେ କରିଥିବା ପୂଜାରେ ପ୍ରସନ୍ନ ହୋଇ ତାଙ୍କର ଇହଜନ୍ମର ସମସ୍ତ ପାପ ହରଣ କରିବା ସଙ୍ଗେ ସଙ୍ଗେ ଶିବ ସାନ୍ନିଧ୍ୟ ପ୍ରାପ୍ତ ଯୋଗ୍ୟ ବିଚାରି ଶିବ ଲୋକରେ ସ୍ଥାନ ଦେଇଛନ୍ତି। ଯମଦୂତମାନେ ବ୍ୟାଧର ପାପର ଫଳ ଠାରୁ ପୁଣ୍ୟର ଫଳ ଅଧିକ ଗ୍ରହଣ କରି ବ୍ୟାଧର ଆତ୍ମାକୁ ଶିବଗଣଙ୍କୁ ପ୍ରଦାନ କରି, ରିକ୍ତ ହସ୍ତରେ ଯମପୁରକୁ ପ୍ରତ୍ୟାବର୍ତନ କରିଥିଲେ। ନିଜ ଅଜ୍ଞାତରେ ଶିବରାତ୍ରି ଦିନ ଉପବାସ ରହି ଶିବ ଲିଙ୍ଗ ଉପରେ ବେଲପତ୍ର ଲୋତକ ଅର୍ପଣ କରି ଜଣେ ବ୍ୟାଧ ଶିବ କୃପା ଲାଭକରି ଶିବ ଲୋକରେ ରହି ପରଜନ୍ମରେ ରାଜା ଚିତ୍ରଭାନୁ ନାମରେ ରାଜଗାଦି ଭୋଗ କରିଥିଲେ।













ପାଠକ ପାଠିକା ଏବଂ ଭକ୍ତଗଣଙ୍କ ଉଦ୍ଦେଶ୍ୟରେ, ଅନ୍ୟ ଏକ ଗ୍ରନ୍ଥ ବୃହସ୍ପତି କୃତ୍ୟକୌମୁଦୀ ଗ୍ରନ୍ଥରେ କୃଷ୍ଣପକ୍ଷ ଚତୁର୍ଦ୍ଦଶୀରେ ଶିବରାତ୍ରି ତଥା ଫାଲ୍‌ଗୁନ ମାସରେ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ମହାଶିବରାତ୍ରି ରୂପେ ବର୍ଣ୍ଣିତ ଅଛି। ବର୍ଷକ ବାରମାସ ମଧ୍ୟରେ ଏକାଦଶତମ ମାସ ହେଉଛି ଫାଲ୍‌ଗୁନ ମାସ। ରୁଦ୍ରଙ୍କ ସଂଖ୍ୟା ଏକାଦଶ ହୋଇଥିବାରୁ ତଥା ଫାଲ୍‌ଗୁନ ମାସ ବର୍ଷର ଏଗାର ସଂଖ୍ୟାରେ ଥିବାରୁ ସେହିମାସର କୃଷ୍ଣପକ୍ଷ ଚତୁର୍ଦ୍ଦଶୀକୁ ମହାଶିବରାତ୍ରୀ ମାନ୍ୟତା ଦିଆଯାଇଛି ତଥା ଜ୍ୟୋତିର୍ଲିଙ୍ଗ ଉଦ୍‌ଭବ ଯୋଗୁଁ ଉକ୍ତଦିନର ଗୁରୁତ୍ୱ ଶୈବ ସଂସ୍କୃତିରେ ଶ୍ରେଷ୍ଠତମ ହୋଇଉଠିଛି। ସେଥିଲାଗି ସବୁବର୍ଣ୍ଣର ଲୋକ ପୁରୁଷ, ନାରୀ, ବାଳ, ବୃଦ୍ଧ, କ୍ଷତ୍ରୀୟ, ବ୍ରାହ୍ମଣ, ବୈଶ୍ୟ, ଶୂଦ୍ର, ଦେବତାମାନେ ମଧ୍ୟ ସକାମ ଭକ୍ତି ଦେଉ କିମ୍ବା ନିଷ୍କାମ ଭକ୍ତିରେ ଶିବ ଆରାଧନା କରିଥାନ୍ତି। ଶିବ ପୁରାଣରେ ବର୍ଣ୍ଣିତ ଶିବରାତ୍ରି ପୂର୍ବ ଦିନ ପୂଜା, ଉପାସନା ଓ ଶିବାଷ୍ଟୋତ୍ତର ମୂର୍ଚ୍ଛନା ଫଳରେ ନନ୍ଦିଶ୍ୱର ମହାକାଳ ଅନୁଗ୍ରହ କରନ୍ତି। ଭକ୍ତି, ନିଷ୍ଠା ଶୁଦ୍ଧତା ସହିତ 'ଶିବାଷ୍ଟକମ' ପାଠ କଲେ ମହାଲକ୍ଷ୍ମୀ ପ୍ରସନ୍ନ ହୋଇ ଅଷ୍ଟ ଐଶର୍ଯ୍ୟ ପ୍ରଦାନ କରନ୍ତି। ସମଗ୍ର ବ୍ରହ୍ମାଣ୍ଡ ହିତ ସାଧନ ପାଇଁ ଆବଶ୍ୟକ ଅମୃତ ଶକ୍ତି ଆଦିଭିକ୍ଷୁ ଶିବଲିଙ୍ଗରୁ ପ୍ରାପ୍ତ ହୋଇଥାଏ।

ଫାଲ୍‌ଗୁନ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିକୁ ଆଶ୍ରୟ କରି ଯେଉଁ ଅନ୍ଧକାରମୟ ରାତ୍ରିର ଉଦୟ ହୋଇଥାଏ, ସେହିରାତ୍ରିକୁ ମହାଶିବରାତ୍ରି କୁହାଯାଏ। ଏହି ସମୟ ମନୁଷ୍ୟର ସମସ୍ତ ପାପକୁ ଶୁଦ୍ଧ



କରିବା ନିମିତ୍ତ ସମର୍ଥ। କାରଣ, ଏହିଦିନ ଭୂତଳରେ ଥିବା ସମସ୍ତ ଚଳ ଓ ଅଚଳ ଶିବଲିଙ୍ଗରେ ଶିବ ବିଭୂତି ସଂକ୍ରମଣ କରେ। ଯେଉଁ ମନୁଷ୍ୟ ଏହିଦିନ ଓଁ ସଦ୍ୟଜାତାୟ ନମଃ, ଓଁ ବାମଦେବାୟ ନମଃ, ଓଁ ଅଘୋରାୟ ନମଃ, ଓଁ ଈଶାନାୟ ନମଃ, ଓଁ ତତ୍‌ପୁରୁଷାୟ ନମଃ ଉଚ୍ଚାରଣ କରି ଗନ୍ଧ, ପୁଷ୍ପ, ଚନ୍ଦନ, ଧୂପ, ଦୀପ, ନୈବେଦ୍ୟ ସହିତ ଅନାହାରେ ଉଜାଗର ପୂର୍ବକ ପୂଜନ କରିବ ତାର ସମସ୍ତ ପାପ ନାଶ ଯିବ। ଉକ୍ତ ଚତୁର୍ଦ୍ଦଶୀ ତିଥିଦିନ ଯେଉଁମାନେ ଉପବାସ କରନ୍ତି, ସେମାନେ ନିଶ୍ଚିତଭାବେ ଦେବ ଦେବ ମହାଦେବଙ୍କୁ ସନ୍ତୁଷ୍ଟ କରିପାରନ୍ତି। ସ୍ନାନ, ଧୂପ, ଅର୍ଘ୍ୟ, ପୁଷ୍ପ ଦେବାଠାରୁ ଅଧିକ ମୂଲ୍ୟବାନ ହୋଇଥାଏ ଉପବାସ ସହିତ ଅହୋରାତ୍ର ଉଜାଗର। ବୈଷ୍ଣବମାନଙ୍କ ଏକାଦଶୀ ତିଥିପରି ଶୈବମାନଙ୍କର ଚତୁର୍ଦ୍ଦଶୀ ତିଥି ମୁଖ୍ୟ ଅଟେ। ସବୁ ଚତୁର୍ଦ୍ଦଶୀ ଶିବରାତ୍ରି ସ୍ୱରୂପ ଅଟେ। ଜ୍ୟୋତିଷ ଗଣନା ଅନୁସାରେ ପ୍ରତିପଦା ଆଦି ଷୋଳତିଥି ଯେପରି ଅଗ୍ନିଆଦି ଦେବତାମାନଙ୍କର ପ୍ରିୟ ତଥା ଅଧିପତି ଅଟନ୍ତି। ସେହିଭଳି ଚତୁର୍ଦ୍ଦଶୀ ତିଥି ଶିବଙ୍କର ପ୍ରିୟ ତଥା ସେ ତିଥିର ଅଧିପତି ଅଟନ୍ତି। ଈଶାନ ସଂହିତା ମତେ ଫାଲ୍‌ଗୁନ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ଶିବ ଲିଙ୍ଗରୂପେ ଆବିର୍ଭୂତ ହୋଇ ବ୍ରହ୍ମାବିଷ୍ଣୁଙ୍କ ବିଦ୍ୱେଷ ଖଣ୍ଡନ କରିଥିଲେ।

ଶିବରାତ୍ରି କହିଲେ ସାଧାରଣତଃ ମହା ଶିବରାତ୍ରିକୁ ହିଁ ବୁଝାଇ ଥାଏ। କିନ୍ତୁ ହିନ୍ଦୁ ପୁରାଣ ଶାସ୍ତ୍ର ଅନୁସାରେ ଚାରି ପ୍ରକାର ଶିବରାତ୍ରିର ବର୍ଣ୍ଣନା ଅଛି। ପ୍ରଥମ ହେଲା ନିତ୍ୟ ଶିବରାତ୍ରି ଯାହା ସୂର୍ଯ୍ୟ ଉଦୟ କିଛି ସମୟ ପୂର୍ବ ମୁହୂର୍ତ୍ତ। ଏହି ସମୟରେ ଶିବ 'ଲିଙ୍ଗୋଦ୍ଭବ' ରୂପେ ଅବତାର ନେଇଥିଲେ। ଦ୍ୱିତୀୟ ହେଲା ପାକ୍ଷିକ ଶିବ ରାତ୍ରି ଶୁକ୍ଳ ପକ୍ଷ ଅର୍ଥାତ ଅମାବାସ୍ୟା ଠାରୁ ପୂର୍ଣ୍ଣମୀ ପୂର୍ବବର୍ତ୍ତୀ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ୧୩ ଦିନ। ଏହି ତେର ଦିନ ପରମେଶ୍ୱରଙ୍କ ଆରାଧନା ପାଇଁ ପ୍ରକୃଷ୍ଟ ସମୟ। ତୃତୀୟ ଶିବ ରାତ୍ରି ମାସିକ ଶିବରାତ୍ରି ପ୍ରତି ମାସର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ଦିନ ଶିବ ଉପାସନାର ଦିନ ପୂଜାର୍ଚ୍ଚନା, ରୁଦ୍ରାଭିଷେକ, ଜାଗରଣ ପୂର୍ବକ ଦୀକ୍ଷା ଗ୍ରହଣ କାର୍ଯ୍ୟ କରାଯାଏ। ଚତୁର୍ଥ ଶିବରାତ୍ରି ହେଲା ମାଘ ମାସ, କୃଷ୍ଣ ପକ୍ଷ, ଚତୁର୍ଦ୍ଦଶୀ ତିଥି। ପରମେଶ୍ୱର ଦିବ୍ୟ ଜ୍ୟୋତିର୍ଲିଙ୍ଗ ରୂପେ ଅବତାର ଧାରଣ କରିଥିବା ପବିତ୍ର ଦିନ। ଏହା ସ୍ୱତନ୍ତ୍ର ପର୍ବ ଏହା ରାତ୍ର ସମୟରେ ପାଳନ ବିଧି, ଏହା ଏକ ବ୍ରତ, ପୂଜାର୍ଚ୍ଚନା, ଧୂପ ପ୍ରଦୀପ ପ୍ରଜ୍ୱଳନ, ନୈବେଦ୍ୟ ଅର୍ପଣ, ଉପାସନା, ଉଜାଗର, ସୁଦ୍ଧ ଆଚରଣ, ଶିବ ପଞ୍ଚାକ୍ଷରୀ ଉଚ୍ଚାରଣ ବହୁବିଧ ଉପଚାରରେ ପାଳନ ହେଉଥିବା ପର୍ବ।

ଜଟାଧାରୀ ହୋଇ ଗଳାରେ ରୁଦ୍ରାକ୍ଷ ଧାରଣକରି, ମଥାରେ ବିଭୂତି ଲେପନ ଏବଂ ଗେରୁଆ ବସ୍ତ୍ର ଧାରଣ କଲେ ଶିବ ସାନ୍ନିଧ ପ୍ରାପ୍ତ ହୁଏ ନାହିଁ। ଗର୍ବ, ଅହଂକାର ତ୍ୟାଗ ପର ଆପଣାର ତାରତମ୍ୟ ନଥାଇ ସ୍ୱାର୍ଥ ବିହୀନ ସାର୍ଥକ ଜୀବନରେ ଦୁଃଖୀ ରଙ୍କି, ଧନୀ ଦରିଦ୍ର ନିର୍ବିଶେଷରେ ସମଗ୍ର ମାନବ ଜାତିକୁ ଆପଣାର କରିବା ହିଁ ଶିବ ମନ୍ତ୍ର। ବ୍ରହ୍ମାଣ୍ଡର ସମସ୍ତ ଦୁଃଖ ଯାତନା, ହଳାହଳକୁ ବିନା ପ୍ରଶ୍ନରେ ଗ୍ରହଣ କରିବା ହିଁ ଶିବତ୍ୱ । ସଂସାରକୁ ଭଲ ଦେଇ ଖରାପ ଗ୍ରହଣ କରିବା, ନିଃସ୍ୱ ନିରାଡ଼ମ୍ବର ଜୀବନ ଯାପନ, ମୟୂର- ସର୍ପ, ସର୍ପ -ମୂଷିକ ସମସ୍ତଙ୍କୁ ଗୋଟିଏ ପରିବାରର ଅଂଶ କରିବା, ଶତ୍ରୁତା ବିଲୋପ କରି ମିତ୍ରତାର ସହିତ ରହିବା ହେଉଛି ଶିବ ଶିକ୍ଷା। ସମ୍ପୂର୍ଣ୍ଣ ବସୁଧା ଏକ କୁଟୁମ୍ବ ମାନ୍ୟ କରି ନିଜେ ବଂଚିବା ଏବଂ ଅନ୍ୟ ମାନଙ୍କ ବଂଚିବାର ମାର୍ଗ ପ୍ରଶସ୍ତି କରିବା ହେଉଛି 'ମହା ମୃତ୍ୟୁଞ୍ଜୟ ମନ୍ତ୍ର।'

**ତଥ୍ୟ : ଶିବ ପୁରାଣ, ବ୍ରହ୍ମବୈବର୍ତ୍ତ ପୁରାଣ ଏବଂ ମହା ବିଷ୍ଣୁ ପୁରାଣ**

'ମାତୃ ପିତୃ କୃପା'
ନୂଆପଲ୍ଲୀ, ଭୁବନେଶ୍ୱର
ମୋ-୯୪୩୭୧୭୫୭୬୪

## ମନକୁ ଆସିଲା ଯାହା ୫୭

# ଶୀଖରରୁ ଶୂନ୍ୟ ଯାଏଁ...



**ସୌମ୍ୟଶ୍ରୀ ପାଣିଗ୍ରାହୀ**

ଏବେର ସାମାଜିକ ଗଣ ମାଧ୍ୟମରେ ଖବରଟିଏ ଦେଖି ମନ ବିଚଳିତ ହେଉଛି। ଲୋକପ୍ରିୟ ହାସ୍ୟ ଅଭିନେତା ରାଜପାଲ ଯାଦବଙ୍କୁ ତିହାର ଜେଲ ପଠେଇ ଦିଆଯାଇଛି। ଏକ ପୁରୁଣା ଚେକ ବାଉନ୍ସ ମାମଲାରେ ସେ ଛନ୍ଦିହୋଇ ପଡିଛନ୍ତି। ଦିନଥିଲା ତାଙ୍କ ପାଖରେ ଅଫର ପରେ ଅଫର ପହଞ୍ଚୁଥିଲା। ସେତେବେଳେ ସେ ବଲିଉଡରେ ପ୍ରଯୋଜକମାନଙ୍କର ପ୍ରଥମ ପସନ୍ଦ ଥିଲେ। ମାତ୍ର ଏବେ ତାଙ୍କ ହାତରେ ଫିଲ୍ମ ନାହିଁ କି ପାଖରେ ପଇସା ନାହିଁ। ନିଜର ଧାର କରଜ ମଧ୍ୟ ଚୁକାଇ ନପାରି ଦେବାଳିଆ ହୋଇଯାଇଛନ୍ତି। ଏଇତ ଭାଗ୍ୟ, ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକୀର। ରାଜପାଲଙ୍କ ପରି ଲୋକପ୍ରିୟ ସିନେ ଅଭିନେତାଙ୍କ ଭାଗ୍ୟରେ ଯେ, ଏମିତି ବି ଦିନ ଆସିବ, ସେ କଥା କିଏ ଜାଣିଥିଲା। ମାତ୍ର ଏହା ସତ୍ୟ। ସେ ଆଜି ଜେଲର ଚାରିକାନ୍ଥରେ ବନ୍ଦୀ...!!

ଏକଥା ପ୍ରଘଟ ହେବା ପରେ, ଗଣମାଧ୍ୟମରୁ ଜାଣି ଅନେକ ଅଭିନେତା ଆଗେଇ ଆସିଛନ୍ତି ସାହାଯ୍ୟର ହାତ ବଢେଇବାକୁ। ସୋନୁ ସୁଦ, ଅଜୟ ଦେବଗନ, ବରୁଣ ଧାୱନ ଓ ସଲମାନ ଖାନଙ୍କ ପରି ଦିଗ୍ଗଜମାନେ ତାଙ୍କର ଧାର ଶୁଝିବାକୁ ଚେଷ୍ଟା କଲେଣି ଯେତେବେଳେ, ରାଜପାଲଙ୍କୁ ଆଉ ବେଶୀସମୟ ଜେଲରେ ବିତେଇବାକୁ ପଡି ନପାରେ। ବଲିଉଡ ଜଗତର ଅନ୍ୟ କେଇଜଣ ବି ହାତ ବଢେଇ ଦେଲେ ଏବେର ସମସ୍ୟା ସମାଧାନ ହୋଇଯିବ ଓ ରାଜପାଲ ମୁକୁଳି ଆସିବେ। ମାତ୍ର ମୋ ମନରେ ପ୍ରଶ୍ନ ଏପରି ହେଲା କାହିଁକି ? ଜଣେ କୋଟି କୋଟି ଟଙ୍କା ରୋଜଗାର କରୁଥିବା ଅଭିନେତାର ଏପତି କାଙ୍ଗାଳ ପରିସ୍ଥିତି ଆସିଲା କେମିତି ? କେବଳ କଣ ଦୁର୍ବଳ ଆର୍ଥିକ ଯୋଜନା ଓ ବେହିସାବ ଖର୍ଚ୍ଚରୁ ମଣିଷ ଏମିତି ତଳିତଳାନ୍ତ ହୋଇଯାଇପାରେ ? ହୁଏତ ହେଇଥିବ।

ୟା ପଛରେ ଆହୁରି ବି କିଛି କାରଣ ଥାଇପାରେ। ଗୋଟିଏ ହିସାବ ଅନୁସାରେ ରାଜପାଲଙ୍କର ମୋଟ ସମ୍ପତ୍ତି ୮୦ କୋଟିରୁ ଅଧିକ। ପୁଣି ମୁମ୍ବାଇରେ ଅତି ମହଙ୍ଗା ବାନ୍ଦ୍ରା ଅଞ୍ଚଳରେ ଘର ଓ ବିଏମଡବ୍ଲ୍ୟୁ ପରି ଗାଡ଼ି ବି ଅଛି ତାଙ୍କର। ୨୦୧୨ ରେ ତାଙ୍କ ନିର୍ଦ୍ଦେଶିତ 'ଅତା ପତା ଲାପତା' ଚଳଚ୍ଚିତ୍ରଟି ରିଲିଜ୍ ହୋଇପାରିନି ଓ ୯ କୋଟି ଟଙ୍କାର ଚେକ୍ ବାଉନ୍ସ ହେବା ଓ ରାଜପାଲ ଜେଲ ଯିବା, ଏସବୁ ସେଇ ଚଳଚ୍ଚିତ୍ରର ପ୍ରଚାର ପ୍ରସାର ପାଇଁ ବି ଯୋଜନାବଦ୍ଧ ଭାବରେ କରାଯାଇ ଥାଇପାରେ।

ଆପଣ ରାନୁ ମଣ୍ଡଳଙ୍କୁ ମନେ ରଖିଛନ୍ତି ନା... !! ଯିଏ ଦିନେ କୋଲକାତାର ସହରତଳି ରେଳ ଷ୍ଟେସନରେ ଦାନ୍ତକାଠି ବିକ୍ରୀ କରିବା ସହ ଗୀତ ଗାଉଥିଲେ। ଜଣେ ଭିଡିଓ ବ୍ଲଗର ତାଙ୍କୁ ୟୁ-ଟ୍ୟୁବରେ ଭାଇରାଲ କରିଦେବା ପରେ ବଦଳିଗଲା ତାଙ୍କର ଭାଗ୍ୟ। ସଂଗୀତ ନିର୍ଦ୍ଦେଶକ ହିମେଶ ରେଶମିୟାଙ୍କ ସହ ବି ସେ ବଲିଉଡରେ ଗୀତ ଗାଇଲେ। ରାତା ରାତି ପାଲଟିଗଲେ ଜଣେ ସେଲିବ୍ରିଟୀ...ଷ୍ଟାର..!! ମାତ୍ର ଏସବୁ ପ୍ରସିଦ୍ଧି ଓ ଲୋକପ୍ରିୟତା ରହିଲାନି ବେଶିଦିନ। ନିଜ ରୁକ୍ଷ ବ୍ୟବହାର ଓ ଗର୍ବ ଅହମିକା ପୂର୍ଣ୍ଣ ଆଚରଣ ପାଇଁ ସେ ସବୁଠି ହେଲେ ନିନ୍ଦା ଓ ଘୃଣାର ପାତ୍ର। ଫଳରେ ଅଚିରେ ମିଳେଇଗଲା ସବୁତକ ପ୍ରସିଦ୍ଧି, ସବୁ ଖ୍ୟାତି, ଯଶ...। ସବୁ କିଛି ମାଟିରେ ମିଶିବାକୁ ଆଦୌ ଡେରି ଲାଗିଲା ନାହିଁ। ଲୋକେ ଯେମିତି ମୁଣ୍ଡରେ ବସେଇଥିଲେ, ଠିକ ସେମିତି ଡଷ୍ଟବିନକୁ ଫୋପାଡ଼ି ଦେଲେ। ଏବେ ପୁଣି ସେ ଫେରି ଆସିଛନ୍ତି ନିଜର ଭଙ୍ଗା ଘରକୁ। ଏକ ପରିତ୍ୟକ୍ତ କୋଠାଘରେ ଜରୀପାଲ ଟାଙ୍ଗି ସେମିତି ଦୁଃଖରେ ହିଁ ଦିନ ବିତଉଛନ୍ତି। ଏସବୁ ପାଇଁ ତାଙ୍କ ନିଜଛଡା ଆଉ କିଏ ଦାୟୀ ହୋଇପାରେ ବୋଲି ଆପଣ ଭାବୁଛନ୍ତି କି... ?

ଆପଣମାନେ ତ ଗୋବିନ୍ଦାଙ୍କୁ ଜାଣିଥିବେ ନିଶ୍ଚୟ। ଦିନଥିଲା, ସେ ବଲିଉଡର ସୁପରଷ୍ଟାର ଥିଲେ। କୁହାଯାଏ ସକାଳ ଠାରୁ ଆରମ୍ଭ ହୋଇଥିବା ତାଙ୍କ ସୁଟିଂ ସିଡ୍ୟୁଲ ରାତି ୩ ଟା ଯାଏଁ ବି ଚାଲୁଥିଲା। ଅନ୍ୟ ଅନେକ ବଡବଡ ଷ୍ଟାର କଳାକାରମାନେ ବି ଅପେକ୍ଷା କରିରହୁଥିଲେ ଗୋବିନ୍ଦାଙ୍କ ଆସିବା ବାଟକୁ। ଏକାସାଙ୍ଗେ ଗୋଟିଏ ଦିନରେ ୧୯ଟି ଫିଲ୍ମ ସାଇନ କରିଥିବା, ୧୨୦ରୁ ଅଧିକ ଫିଲ୍ମରେ ଅଭିନୟ କରିଥିବା ଏହି ୯୦ ଦଶକର ସୁପରଷ୍ଟାର, କେବଳ ନିଜ ଲୋକପ୍ରିୟତାକୁ ଭିତ୍ତି କରି ରାଜନୀତିକୁ ଆସି ଲୋକସଭାର ସାଂସଦ ମଧ୍ୟ ହୋଇ ପାରିଥିଲେ। ତାଙ୍କର ଏକ ଭିଡିଓ ଗତ ସପ୍ତାହରେ ଭାଇରାଲ ହୋଇଥିଲା। ସେ କେଉଁ ଏକ ଛୋଟିଆ ଉତ୍ସବରେ ମଞ୍ଚ ଉପରେ ନାଚୁଥିଲେ ଏବଂ କିଛି ଭଦ୍ର ମହିଳା ଠିଆ ହୋଇ ତାଳି ମାରୁଥିଲେ। ତଳେ ଲେଖାଥିଲା 'ଏ କି ଅବସ୍ଥା ଆସିଗଲା ଗୋବିନ୍ଦାଙ୍କର।' ଦିନେ ସୁପରଷ୍ଟାର ଥିବା ଗୋବିନ୍ଦା ଆଜି ଦୁଇ ପଇସା ରୋଜଗାର କରିବାପାଇଁ ବାହାଘର ଭୋଜିରେ ବି ନାଚିବା ଆରମ୍ଭ କରିଦେଲେଣି। ଘଟଣାର ସତ୍ୟାସତ୍ୟ ଉପରେ ଅବଶ୍ୟ ଇଣ୍ଟରନେଟ୍ ଚୁପ। ମାତ୍ର ଯଦି ଏହା ସତ୍ୟ ହୋଇଥାଏ ତେବେ ସାଂଘାତିକ। ଏତେ ପ୍ରସିଦ୍ଧି...ଏତେ ପ୍ରତିଷ୍ଠା...ସବୁ ଗଲା କୁଆଡେ... ?

ଅବଶ୍ୟ ଏ ଘଟଣା ନୂଆ ନୁହେଁ। ବଲିଉଡର ଅନେକ ସେଲିବ୍ରିଟୀଙ୍କ ସହ ଏହା ଆଗରୁ ଘଟିସାରିଛି। ମହାନାୟକ ଅମିତାଭ ବଚ୍ଚନ ମଧ୍ୟ ଦିନେ କରଜରେ ବୁଡିଯାଇ ଦେବାଳିଆ ଘୋଷିତ ହୋଇଥିଲେ। କ୍ରିକେଟର ବିନୋଦ କାମ୍ବଲିଙ୍କୁ ରାସ୍ତାରେ ଭିକ ମାଗିବାର ଲୋକେ ଦେଖିଛନ୍ତି। ଗୀତାଞ୍ଜଳୀ ନାଗପାଲଙ୍କ କଥା ତ' ଆପଣ ଭୁଲି ନଥିବେ। ଯିଏ ୯୦ ଦଶକରେ ସୁସ୍ମିତା ସେନଙ୍କ ସହ ରାମ୍ପୱାକ କରୁଥିଲେ, ସେଇ ସୁପର ମଡେଲ ତଥା ଅଭିନେତ୍ରୀଙ୍କୁ ଡ୍ରଗ୍ସ ନିଶା ଏମିତି କବଳିତ କଲା ଯେ, ଦିନେ ତାଙ୍କୁ ଦିଲ୍ଲୀର ଏକ ରାସ୍ତାକଡ ଆବର୍ଜନା କୁଣ୍ଡ ପାଖରେ ଚିରାଫଟା ଲୁଗା ପିନ୍ଧା ଅବସ୍ଥାରେ ଦେଖି କିଛି ଲୋକ ହାସପାତାଳରେ ଭର୍ତ୍ତି କରେଇଲେ।

କଲିକତାର ଅଭିନେତ୍ରୀ ସୁମିହାର ଚାଦ୍ରୀଙ୍କୁ ଯେତେବେଳେ ଅମିଲା ବଜାରରେ ଗଳିକନ୍ଦି ବୁଲି ଭିକମାଗିବାର ଓ ଅଳିଆ ଆବର୍ଜନା କୁଣ୍ଡରୁ ଖାଦ୍ୟବାଛି ଖାଉଥିବାର ଲୋକେ ଦେଖିଲେ, ପ୍ରଥମେ ନିଜ ଆଖିକୁ ବିଶ୍ୱାସ କରିପାରିଲେ ନାହିଁ। ଠିକ ସେମିତି ଖରାପ ଅବସ୍ଥା ହୋଇଥିଲା ମୁମ୍ବାଇର ଲୋକପ୍ରିୟ ସିନେ ଅଭିନେତ୍ରୀ ମିତାଲୀ ଶର୍ମାଙ୍କର। ଏକେ ହଙ୍ଗଲଙ୍କ ଠାରୁ ଜ୍ୟାକିଶ୍ରଫ, ପୁଣି ମୀନା କୁମାରୀଙ୍କଠାରୁ ମିଥୁନ ଚକ୍ରବର୍ତ୍ତୀ ଓ ପ୍ରୀତିଜିଣ୍ଟାଙ୍କ ପର୍ଯ୍ୟନ୍ତ ଏ ତାଲିକା ବହୁତ ଲମ୍ବା। ଦିନେ ଯିଏ ପ୍ରସିଦ୍ଧିର ଶୀଖର ଛୁଇଁ ଥିଲେ ସେମାନେ ପରବର୍ତ୍ତୀ ସମୟରେ ଦେବାଳିଆ ହୋଇ ଦୁଃଖରେ ଜୀବନ ବିତେଇବାର ଅନେକ ଉଦାହରଣ ଅଛି।

ଏଇଠି ଗୋଟିଏ କଥା ମନକୁ ଆସୁଛି, ଚଳଚ୍ଚିତ୍ର ତାରକା ମାନଙ୍କୁ ଆମେ ସିନେ ପରଦାରେ ଦେଖୁଛୁ ଓ ସେମାନଙ୍କ ପାଇଁ ଟଙ୍କା ଉଡଉଛୁ। ସେମାନେ ବି ରାତାରାତି କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି ମାତ୍ର ସେସବୁ ଯାଉଛି କୁଆଡେ... ? ? ଏମିତି ବେପରୱାୟ ହୋଇ ଖର୍ଚ୍ଚ କରିଚାଲୁଛନ୍ତି ନା ବିଳାସମୟ ଜୀବନ ବିତେଇ ଉଡେଇ ଦେଉଛନ୍ତି ନା ଜୁଆ ଖେଳି ବରବାଦ କରିଦେଉଛନ୍ତି ନିଜକୁ... ? କାରଣ ଯାହା ହେଇଥାଉ ନା କାହିଁକି ସତଟା ଏୟା ଯେ, ପ୍ରସିଦ୍ଧିକୁ ଧରି ରଖିପାରୁନାହାନ୍ତି ତଥାକଥିତ ତାରକାମାନେ। ଯେମିତି ସଫଳତାର ଶିଡ଼ି ଚଢି ପ୍ରସିଦ୍ଧିର ଶୀଖର ଛୁଉଁଛନ୍ତି, ସେଇଠୁ ହିଁ ଆରମ୍ଭ କରୁଛନ୍ତି ନିଜ ବରବାଦିର ଯାତ୍ରା। ଥରେ ସଫଳ ହୋଇଗଲା ପରେ ଗର୍ବ ଅହଂକାର ଓ ଅପରିଣାମଦର୍ଶିତା ହିଁ ସେମାନଙ୍କୁ ଠେଲି ଦେଉଛି ତଳକୁ। ଏଣୁ ଏତେ ପରିଶ୍ରମ କରି ଉପରକୁ ଉଠିଥିବା ତାରକାଟିଏକୁ ବି ତଳକୁ ଖସି ମାଟିରେ ମିଶିଯିବାକୁ ଆଦୌ ଡେରୀ ଲାଗୁନି।

ସଫଳତାର ଶୀର୍ଷରେ ପହଞ୍ଚିବାକୁ ଯେତିକି ପରିଶ୍ରମ ଲାଗିଥିଲା, ସେଠୁ ଆସି ଅଳିଆଗଦାରେ ପହଞ୍ଚିବାକୁ ତା'ର କାଣିଚାଏ ବି କଷ୍ଟ ହେଉନି। ଏଣୁ ପ୍ରଥମେ ଉର୍ଦ୍ଧ୍ୱ ଉଡାଣର ସଫଳତା ଲେଖିଥିବା ତାରକାମାନଙ୍କର ଶୀଖରରୁ ଶୂନ୍ୟକୁ ଲମ୍ଫ ପ୍ରଦାନ ମଧ୍ୟ ଅନ୍ୟ ଅନେକଙ୍କୁ ଲଜ୍ଜିତ କରୁଛି। ଆଖିର ତାରା କରି ବସେଇଥିବା ଲୋକଟିକୁ ଏମିତି ଦୟନୀୟ ଅବସ୍ଥାରେ ଦେଖିବା ଠାରୁ ଆଉ ବିଡମ୍ବନା କଣ ଅଛି ? ପ୍ରସିଦ୍ଧିର ଚରମ ସୀମାରୁ ଦାରିଦ୍ର୍ୟ ଓ ଅନଟନର ଅତଳ ଗହ୍ୱରକୁ ଏ ବିପରୀତ ମୁଖି ଯାତ୍ରା ସତରେ ଯନ୍ତ୍ରଣାଦାୟକ..!! ନା କଣ କହୁଛନ୍ତି... !!

**ଛାଇ, ଜଗନ୍ନାଥ ବିହାର**
**ଭଦ୍ରକ, ମୋ-୭୦୦୮୬୦୧୧୬୧**

ଫ୍ୟାସନ୍

# ସମର୍ ଫ୍ୟାସନ୍ ଟିପ୍ସ

ଋତୁ ଅନୁଯାୟୀ ସମୟ ସମୟରେ ଫ୍ୟାସନ୍ ମଧ୍ୟ ବଦଳିଥାଏ। ବର୍ତ୍ତମାନ ଗ୍ରୀଷ୍ମ ଋତୁ ଆସିଛି, ଯେଉଁ କାରଣରୁ ଗ୍ରୀଷ୍ମ ଅନୁଯାୟୀ ଫ୍ୟାସନ୍ ମଧ୍ୟ ବଦଳିବା ଆରମ୍ଭ କରିଛି। ବିଶେଷକରି ଯୁବତୀମାନଙ୍କ ପାଇଁ ପ୍ରତ୍ୟେକ ଋତୁ ବହୁତ ଖାସ୍ ହୋଇଥାଏ। ଏପରିସ୍ଥିତିରେ ଆପଣଙ୍କୁ କିଛି ଗ୍ରୀଷ୍ମ ଫ୍ୟାସନ୍ ଟିପ୍ସଗୁଡ଼ିକ ଅନୁସରଣ କରନ୍ତୁ। ସଠିକ୍ ପ୍ରିଣ୍ଟ ଏବଂ ରଙ୍ଗକୁ ମଧ୍ୟ ଚୟନ କରି ଆରାମଦାୟକ ଅନୁଭବ କରିବା ସହ ଏକ ଷ୍ଟାଇଲିସ୍ ଲୁକ୍ ପାଆନ୍ତୁ। ସେହିଭଳି କିଛି ଗ୍ରୀଷ୍ମ ଫ୍ୟାସନ୍ ଉପରେ ଟିପ୍ସ ତଳେ ଦିଆଯାଇଛି।



## ଧଳା ରଙ୍ଗର ପୋଷାକ

ଗ୍ରୀଷ୍ମ ଋତୁ ପାଇଁ ପ୍ରଥମେ ଧଳା ରଙ୍ଗର ପୋଷାକ ବାଛନ୍ତୁ। ଏହି ଋତୁରେ ଧଳା ରଙ୍ଗର ପୋଷାକ ପିନ୍ଧିବା ଦ୍ୱାରା ସୂର୍ଯ୍ୟ କିରଣରୁ ସୁରକ୍ଷା ଦେଇଥାଏ। ସେହିପରି ଆପଣ ଧଳା ସର୍ଟ ଡ୍ରେସ୍, ମ୍ୟାକ୍ସି ଡ୍ରେସ୍, ଲକ୍ଷ୍ନୌବି ସୁଟ୍, ଅନାରକଲୀ, ଶାଢ଼ି, ସାର୍ଟ, ପେନ୍ସିଲ ସ୍କର୍ଟ, ଟ୍ରାଉଜର ଇତ୍ୟାଦି ଟ୍ରାଏ କରିପାରିବେ। ଏହା ସୂର୍ଯ୍ୟ କିରଣରୁ ସୁରକ୍ଷା ଦେବା ସହ ଶରୀରକୁ ମଧ୍ୟ ଆରାମ ଦେଇଥାଏ। ସେଥିପାଇଁ ମହିଳା ବା ପୁରୁଷମାନେ ଗ୍ରୀଷ୍ମ ଋତୁରେ ଧଳା ରଙ୍ଗର ପୋଷାକକୁ ଅଧିକ ମାତ୍ରାରେ ଚୟନ କରିଥାନ୍ତି।



## ଫ୍ଲୋରାଲ୍ ପ୍ରିଣ୍ଟ୍ ଡ୍ରେସ୍

ଗ୍ରୀଷ୍ମ ଋତୁରେ ଫ୍ଲୋରାଲ୍ ପ୍ରିଣ୍ଟକୁ ଅଧିକ ପସନ୍ଦ କରାଯାଏ। ଯଦିଓ ବର୍ଷା ଋତୁରେ ମଧ୍ୟ ଏହି ପ୍ରିଣ୍ଟକୁ ପସନ୍ଦ କରାଯାଏ, କିନ୍ତୁ ଗ୍ରୀଷ୍ମ ସମୟରେ ହାଲୁକା ରଙ୍ଗ ସହିତ ଫ୍ଲୋରାଲ୍ ପ୍ରିଣ୍ଟର ପୋଷାକ ଏକ କୁଲ୍ ଲୁକ୍ ଦେଇଥାଏ। ଫ୍ଲୋରାଲ୍ ବ୍ୟତୀତ ଚେକ୍, ଷ୍ଟ୍ରାଇପ୍ ପ୍ରିଣ୍ଟ ମଧ୍ୟ ଟ୍ରାଏ କରିପାରିବେ। ଏହା ଆପଣଙ୍କୁ ଏକ ନିଆରା ଲୁକ୍ ଦେଇଥାଏ।

## କମ୍ଫଟେବ୍‌ଲ ଡ୍ରେସ୍

ଗ୍ରୀଷ୍ମ ଋତୁରେ ଅଧିକ ଖରା ହେତୁ ବହୁତ ଝାଳ ବୋହିଥାଏ। ତେଣୁ ଟାଇଟ୍ ଫିଟ୍ ପୋଷାକରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ। ଏପରିସ୍ଥିତିରେ ଆରାମଦାୟକ ପୋଷାକ ପିନ୍ଧିବା ଦ୍ୱାରା ଆପଣଙ୍କୁ ଶାନ୍ତି ମିଳିଥାଏ। ସେଥିପାଇଁ ସର୍ଟ ଡ୍ରେସ୍, ମ୍ୟାକ୍ସି ଡ୍ରେସ୍, କଟନ ଟି-ସାର୍ଟ, ପ୍ଲାଜୋ, ଲମ୍ବ କୁର୍ତ୍ତା, ପ୍ଲିଟେଡ୍ ସ୍କର୍ଟ, ଧଳା ସାର୍ଟ କିମ୍ବା ଲାଇଲନ୍ ଜ୍ୟାକେଟ୍, ସୂତା ଶାଢ଼ି ଇତ୍ୟାଦି ଗ୍ରୀଷ୍ମ ପାଇଁ ସର୍ବୋତ୍ତମ ବିକଳ୍ପ।

## ବିବାହ ଲୁକ୍

ଏହି ଋତୁରେ ଅଧିକାଂଶ ପାର୍ଟି, ଫଙ୍କସନ ଏବଂ ବିବାହ ଉତ୍ସବ ଯୋଗୁଁ ଭାରୀ ପୋଷାକ ଏବଂ ଗାଢ଼ା ରଙ୍ଗ ପିନ୍ଧିବା ଟିକେ କଷ୍ଟସାଧ୍ୟ ହୋଇଥାଏ। ତେଣୁ, ଏହି ବିବାହ ଉତ୍ସବରେ ଗୋଲ୍ଡ ଏବଂ ସିଲ୍ଭର୍ ସହିତ ଆପଣ ଅଲିଭ୍ ଗ୍ରୀନ୍, ଗୋଲାପୀ, ପିଚ୍ ପରି ପେଷ୍ଟେଲ୍ ରଙ୍ଗ ମଧ୍ୟ ପିନ୍ଧିପାରିବେ। ଏହି ରଙ୍ଗର ଅନାରକଲୀ ପୋଷାକ, ଲେହେଙ୍ଗା-ଚୋଲି, ପାରମ୍ପରିକ ଗାଉନ୍ କିମ୍ବା ଶାଢ଼ି ପିନ୍ଧିବା ଦ୍ୱାରା ଆପଣଙ୍କ ସୌନ୍ଦର୍ଯ୍ୟକୁ ଏକ ଆକର୍ଷଣୀୟ ଲୁକ୍ ଦେଇଥାଏ।

ରୋଷେଇ ଘର

# ଶାଗୁ ଲସି

ଆବଶ୍ୟକ ସାମଗ୍ରୀ: ଶାଗୁ, ଦହି, ଚିନି, ଗୁଜୁରାତି, ନଡ଼ିଆ କୋରା, କାଜୁ, କିସ୍‌ମିସ୍, ଚେରୀ

ପ୍ରଣାଳୀ: ଶିବରାତ୍ରୀ ସ୍ପେସିୟାଲ ଶାଗୁ ଲସି ଆପଣ ଘରେ ମଧ୍ୟ ପ୍ରସ୍ତୁତ କରି ସମସ୍ତଙ୍କୁ ପିଇବା ପାଇଁ ଦେଇପାରିବେ। ପ୍ରଥମେ ଶାଗୁକୁ ଭଲ ଭାବରେ ଧୋଇ ୬ରୁ୭ ଘଣ୍ଟା ଭିଜେଇ ରଖନ୍ତୁ। ଏହି ଭିଜା ହୋଇଥିବା ଶାଗୁ, ଦହି, ଚିନି, ଗୁଜୁରାତି, ପାଣି ଦେଇ ଗ୍ରାଇଣ୍ଡ କରିବେ। ଏହାକୁ ପୁରା ପେଷ୍ଟ ଗ୍ରାଇଣ୍ଡ କରନ୍ତୁ। ଗୋଟିଏ ଗ୍ଲାସ୍‌ରେ ଏହି ଶାଗୁକୁ ଢାଳି ତାହା ଉପରେ କୋରି ରଖିଥିବା ନଡ଼ିଆ, କାଜୁ, କିସ୍‌ମିସ୍ ଏବଂ ଚେରୀକୁ ପକାଇ ସମସ୍ତଙ୍କୁ ପିଇବା ପାଇଁ ଦିଅନ୍ତୁ।



# ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ, ମୋବାଇଲ୍: ୯୭୭୭୨୫୨୨୪୦

**ମେଷ**: ରବିବାର ଓ ସୋମବାର କର୍ମକ୍ଷେତ୍ରରେ ଆନନ୍ଦପ୍ରାପ୍ତ ହେବ। ମଙ୍ଗଳବାରଠାରୁ ଗୁରୁବାର ପର୍ଯ୍ୟନ୍ତ ଉଦ୍ୟମ ସାଫଲ୍ୟତା ଲାଭ। ଆର୍ଥିକ ପରିସ୍ଥିତି ଭଲ ରହିବ। ଶୁକ୍ରବାର ଓ ଶନିବାର ମଧ୍ୟମ ସଫଳତା ମିଳିବ। ପ୍ରତିକାର: ବିଷ୍ଣୁ ପ୍ରଚୋଦୟାତ୍ ମନ୍ତ୍ର ଜପ କରନ୍ତୁ।

**ବୃଷ**: ରବିବାର ଓ ସୋମବାର ସମସ୍ୟାଯୁକ୍ତ ହେବେ। ଋଣଭାର ବୃଦ୍ଧି ଘଟିବ। ମଙ୍ଗଳବାର ଓ ବୁଧବାର ମଧ୍ୟମ ଫଳ ପ୍ରାପ୍ତି। ବନ୍ଧୁ ସହଯୋଗ ପାଇପାରନ୍ତି। ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ କର୍ମକ୍ଷେତ୍ର ଓ ବ୍ୟବସାୟରେ ସଫଳତା ପ୍ରାପ୍ତି ହେବ।
ପ୍ରତିକାର: ରୁଦ୍ରାଷ୍ଟକ ପାଠ କରନ୍ତୁ।

**ମିଥୁନ**: ରବିବାର ପାରିବାରିକ ଅଶାନ୍ତି ସୃଷ୍ଟି ହେବ। ସୋମବାର ଓ ମଙ୍ଗଳବାର ଅତୀତର କର୍ମ ନେଇ ପଶ୍ଚାତାପ୍ କରିବେ। ବୁଧବାର ଓ ଗୁରୁବାର ଲୋକସମ୍ପର୍କ ବୃଦ୍ଧିଘଟିବ। ଶୁକ୍ରବାର ଓ ଶନିବାର ପ୍ରତିଷ୍ଠାଯୁକ୍ତ ହେବେ। ପ୍ରତିକାର: ଗଣେଶଙ୍କୁ ପୂଜା କରନ୍ତୁ।

**କର୍କଟ**: ରବିବାରଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ସମୟ ଅନୁକୂଳ ରହିବ। ଆର୍ଥିକ ସମୃଦ୍ଧି ହେବ। ବୁଧବାର ଓ ଗୁରୁବାର ଦୁର୍ଘଟଣାଜନିତ ସମସ୍ୟା ଦେଖାଦେବ। ଶାରୀରିକ ଅସୁସ୍ଥତା ଦେଖାଦେବ। ଶୁକ୍ରବାର ଓ ଶନିବାର ଯୋଜନାନୁସାରେ କାର୍ଯ୍ୟକରି ସାଫଲ୍ୟତା ପାଇବେ। ପ୍ରତିକାର: ଓଁ ହ୍ରିଁ ଓଁ ମନ୍ତ୍ର ଜପ କରନ୍ତୁ।

**ସିଂହ**: ରବିବାର ଓ ସୋମବାର ସନ୍ତାନହେତୁକ ଗର୍ବ ଅନୁଭବ କରିବେ। ମଙ୍ଗଳବାରଠାରୁ ଗୁରୁବାର ପର୍ଯ୍ୟନ୍ତ ସମୟ ଆପଣଙ୍କୁ ସଫଳତା ପ୍ରଦାନ କରିବ। ଶୁକ୍ରବାର ଓ ଶନିବାର ସାବଧାନତା ଅବଲମ୍ବନୀୟ।ପ୍ରତିକାର: ଆଦିତ୍ୟ ହୃଦୟ ସ୍ତୋତ୍ର ପାଠକରି ଜଳଦାନ କରନ୍ତୁ।

**କନ୍ୟା**: ରବିବାର ପାରିବାରିକ ଅଶାନ୍ତି ଦେଖାଦେଇପାରେ। ସୋମବାର ଓ ମଙ୍ଗଳବାର କାର୍ଯ୍ୟରେ ସ୍ଥିରତା ପ୍ରାପ୍ତି। ବୁଧବାର ଓ ଗୁରୁବାର ଲାଭବାନ ହେବେ। ଶୁକ୍ରବାର ଓ ଶନିବାର ନୂତନ କାର୍ଯ୍ୟାରମ୍ଭ କରିବେ। ପ୍ରତିକାର: ଓଁ ଲଂ ଲକ୍ଷ୍ମତାଭ୍ୟାଂ ମନ୍ତ୍ର ଜପ କରନ୍ତୁ।

**ତୁଳା**: ରବିବାର ଆତ୍ମନିର୍ଭରଶୀଳ ହେବେ। ସୋମବାର ଓ ମଙ୍ଗଳବାର ଜଗିରଖି ଚଳିବା ଆବଶ୍ୟକ। ବୁଧବାର ଓ ଗୁରୁବାର କାର୍ଯ୍ୟ ସିଦ୍ଧି ହେବ। ପୈତୃକ ସମ୍ପତ୍ତିରୁ ଲାଭବାନ ହେବେ। ଶୁକ୍ରବାର ଓ ଶନିବାର ଆର୍ଥିକ ଉନ୍ନତି ହେବ।ପ୍ରତିକାର: ଓଁ ନମଃଶିବାୟ ମନ୍ତ୍ର ଜପକରି ଜଳାଧିବାସ କରନ୍ତୁ।

**ବିଛା**: ରବିବାର ସ୍ଥିରଚିତ୍ତ ହୋଇ କାର୍ଯ୍ୟ କରିବେ। ସୋମବାର ମଙ୍ଗଳବାର ଉଦ୍ୟମେ କାର୍ଯ୍ୟ ସିଦ୍ଧି। ବୁଧବାର ଓ ଗୁରୁବାର ଜଗିରଖି ଚଳିବେ। ଶୁକ୍ରବାର ଓ ଶନିବାର ଶତ୍ରୁଠାରୁ ଦୂରେଇ ରହିବା ଭଲ। ପ୍ରତିକାର: ଓଁ ହଂ ପବନ ନନ୍ଦନାୟ ସ୍ୱାହା ମନ୍ତ୍ର ଜପ କରନ୍ତୁ।

**ଧନୁ**: ସପ୍ତାହଟି କର୍ତ୍ତବ୍ୟରେ ଅବହେଳିତ ହେବେ। ଆୟ ଭଲ ହେଲେ ମଧ୍ୟ ସଂକଟ ଲାଗି ରହିବ। ବନ୍ଧୁହାନି ଯୋଗ। ପାରିବାରିକ ଅସନ୍ତୋଷ। ଶିକ୍ଷାରେ ଉଚ୍ଚଫଳ ଲାଭ ଓ ବ୍ୟବସାୟର ପ୍ରସାର ଘଟିବ। ପ୍ରତିକାର - ଅନାଥଙ୍କୁ ଦାନ କରଣୀୟ।ଧ


**ମକର**: ସପ୍ତାହଟି କର୍ମକ୍ଷେତ୍ରରେ ସୁସ୍ଥତା। ଆୟ ସୂଚନା, ସଞ୍ଚୟର ସୂଚନା, ବନ୍ଧୁମିଳନ ସୁଖ ସମ୍ବନ୍ଧ ଲାଭ। ପାରିବାରିକ ଆନନ୍ଦ। ଚାକିରିରେ ଚିନ୍ତାଶୂନ୍ୟତା। ବ୍ୟବସାୟରୁ ଲାଭ ପାଇବେ ଓ ଶିକ୍ଷାରେ ଶ୍ରମର ଫଳ ମିଳିବ। ପ୍ରତିକାର - ଓଁ ଶ୍ରୀ ଶନିଶ୍ଚରାୟ ନମଃ ମନ୍ତ୍ର ପାଠ କରଣୀୟ।

**କୁମ୍ଭ**: ସପ୍ତାହଟି ଅଶୁଭ ଫଳ ମଧ୍ୟରେ ବ୍ୟୟ ବୃଦ୍ଧି। ଶରୀର ଅସୁସ୍ଥ। କର୍ମକ୍ଷେତ୍ରରେ ବିଦ୍ରୋହ ବା ଅଶାନ୍ତି, ଶତ୍ରୁ ବୃଦ୍ଧି, ବନ୍ଧୁଙ୍କ ଭୟ ରହିଛି। ପରିବାରରେ କୁଟନୀତି ଦେଖାଦେବ। ଚାକିରିରେ ଓ ବ୍ୟବସାୟରେ କ୍ଷତି ହେବ। ପ୍ରତିକାର - ଭଗବାନ ବିଷ୍ଣୁଙ୍କୁ ପୂଜା କରନ୍ତୁ।

**ମୀନ**: ସପ୍ତାହଟି ଫଳ ଆଦୌ ଶୁଭପ୍ରଦ ନୁହେଁ। କର୍ମକ୍ଷେତ୍ରରେ ନାନା ସମସ୍ୟା। କୌଣସି ବ୍ୟକ୍ତିଙ୍କ ଦ୍ୱାରା ପ୍ରତାରିତ ହୋଇ ପାରନ୍ତି। ଆୟ ଉତ୍ତମ ରହିବ। ପାରିବାରିକ ସୁଖ ଅବ୍ୟାହତ ଓ ସମ୍ମାନ ରକ୍ଷା ହେବ। ପ୍ରତିକାର - ସବୁଦିନ କଳା କୁକୁରକୁ ରୁଟି ଖାଇବାକୁ ଦିଅନ୍ତୁ।

ସଂସ୍କୃତି ଓ ପରମ୍ପରା

# ଅଲୌକିକ ଶକ୍ତିର ପୀଠ ବାବା ଶ୍ରୀ ଶ୍ରୀ ଇଷ୍ଟଦେବ
# ବାଲୁଙ୍କେଶ୍ୱର ମହାଦେବ



ଉତ୍କୃଷ୍ଟ କଳାର ଦେଶ ଆମ ଉତ୍କଳ ଭୂଖଣ୍ଡ । ଆମ କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା, ସ୍ଥାପତ୍ୟ, ଭାସ୍କର୍ଯ୍ୟ,ଐତିହ୍ୟ, ମହନୀୟତା ବିଶ୍ୱ ବନ୍ଦିତ । ପୁରାତନ କୃତୀ ଓ କୀର୍ତ୍ତିରାଜିକୁ ବଞ୍ଚାଇ ରଖିବା ସହ ସବୁ ପ୍ରଥା ପରମ୍ପରାକୁ ପାଳନ କରି ଜୀବନଚର୍ଯ୍ୟାକୁ ସରସ ସୁନ୍ଦର କରିବା ଅପରିହାର୍ଯ୍ୟ । ଆମ ଚତୁପାର୍ଶ୍ୱରେ ଅନେକ ମଠ ମନ୍ଦିର ବା ପୂରାତନ କିମ୍ବଦନ୍ତୀ ରହିଛି ତାହା ସମୟର ଗର୍ବ ଓ ଗୌରବ । ସମସ୍ତ ପୂରାତନ କୀର୍ତ୍ତି, ସଂସ୍କୃତିକୁ ବଞ୍ଚାଇ ରଖିବା ଆମ ସମୟର ଏକ ବଡ଼ ଆହ୍ୱାନ । ସେହିଭଳି କଟକ ଜିଲ୍ଲା କଟକ ସଦର ବ୍ଲକ୍ ୪୨ ମୌଜା ଥାନା କଳପଡା ଗ୍ରାମ ପଞ୍ଚାୟତ ଉପକଣ୍ଠ ଦେଉଳି ଗ୍ରାମରେ ଶ୍ରୀ ଶ୍ରୀ ଇଷ୍ଟଦେବ ବାବା ବାଲୁଙ୍କେଶ୍ୱର ମହାଦେବ ପାତାଳ ଫୁଟ ଲିଙ୍ଗ ରୂପେ ବିଦ୍ୟମାନ । ସ୍ୱପ୍ନାଦେଶରେ ବାବା ଆବିର୍ଭାବ ହେବା ଆଦି ଅନେକ ଜନମତ ରହିଛି । ସେ ମଙ୍ଗଳମୟ, ଜଗତର ମଙ୍ଗଳ ନିମନ୍ତେ ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସର୍ବଭକ୍ତଙ୍କ ପ୍ରିୟ ଆରାଧ୍ୟ ଦେବତା । ସେ ସର୍ବଶକ୍ତିମାନ, ସର୍ବବ୍ୟାପ୍ତ, ସର୍ବଶ୍ରେଷ୍ଠ, ସର୍ବଦ୍ରଷ୍ଟା, ସର୍ବକର୍ତ୍ତା, ସର୍ବକଲ୍ୟାଣକାରୀ, ସର୍ବକାରଣ ଓ କାରକ ଭକ୍ତ ମନୋବାଞ୍ଛା ପୂର୍ଣ୍ଣକାରୀ ପ୍ରଭୁ । ତାଙ୍କ ନାମ ସର୍ବରୋଗ ନିବରଣକାରି, ସର୍ବମହଷୌଧୀ ଅମୋଘ ଅସ୍ତ୍ର । ବହୁ ପୁରାତନ ଠାକୁର ଏହି ଅଞ୍ଚଳର ସର୍ବଶ୍ରେଷ୍ଠ ପ୍ରାୟତଃ ୩୩୦ ବର୍ଷ ତଳର କଥା ଲୋକାଚାର ମତେ ନଦୀରେ ସିଢ଼ି ପକାଇ ଚାଲୁଥିବାରୁ ନାମଟି ସିଢୁଆ । ଠିକ୍ ସିଢୁଆର ଦକ୍ଷିଣ ପଟୁ ଏକ ଗାର ମଧୁରି ଲଟା ମାଡି ଥିବା ଏକ ହୁଙ୍କା ଉପରେ କ୍ଷୀର ଆପେ ଆପେ ନିର୍ଗତ କରୁଥିବାରୁ ଦୃଶ୍ୟ ଏବଂ ପ୍ରଭୁଙ୍କ ସ୍ୱପ୍ନ ଦେଶ ଏହି ନିଘଞ୍ଚ ଜଙ୍ଗଲ ମଧ୍ୟରେ ୪୨ ମୌଜା ଦେଉଳି ଗ୍ରାମ ଖନନ କରିବା ପରେ ପ୍ରଭୁ ଆବିର୍ଭାବ ହେଲେ । ଅଷ୍ଟଦଳ ପଦ୍ମସହ ଶକ୍ତି ଓ ଲିଙ୍ଗ ବହୁ ପୁରାତନ ଜ୍ୱଳନ୍ତ ପ୍ରମାଣ ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଥିଲା ସେଦିନ । ପ୍ରଭୁଙ୍କ କୃପାରୁ, ପୁରାତନ ରୋଗୀ ଦୂରଦୂରାନ୍ତରରୁ ଆସି ଭଲ ହେବା, ଗ୍ରହରିଷ୍ଟ ଖଣ୍ଡନ ହେବା, ସନ୍ତାନସନ୍ତତି ନହେଉଥିଲେ ପ୍ରାପ୍ତି ହେବା ଅସମ୍ଭବକୁ ସମ୍ଭବ କରିବା, ପ୍ରଭୁଙ୍କ ଲୀଳାର ବହୁ ପ୍ରମାଣିତ । ପ୍ରଭୁଙ୍କ ନିକଟେ ଜଳାଭିଷେକ, କ୍ଷୀରାଭିଷେକ, ରୁଦ୍ରାଭିଷେକ, ତ୍ରିଶାଖା ବେଲପତ୍ର, କ୍ଷୀର ସମିପତ୍ର, ଦୁଦୁରାଫୁଲ ଫଳ, ଗଇସ, ଟଗର, ଅରଖ, ପଦ୍ମପୁଷ୍ପ, ପୁଷ୍ପମାଲ୍ୟ, ତୁଳସୀ ମଞ୍ଜରୀ, କର୍ପୁର, ଚନ୍ଦନ, ଗୁର, ଦୂର୍ବା, ଅକ୍ଷତ, ଆଖୁର,ରୁଦ୍ରାକ୍ଷ,ଘର୍ଷଣଭୋଗ,ଧୂପ,ଦୀପ,ନୈବେଦ୍ୟ,କଦଳୀ, ଶ୍ରୀଫଳ, ସେଓ, ବେଦେନା, ନାସପାତି, ଯାଇତ୍ରି, ଜାଇଫଳ, ଗୋଟା ପାନ, ଗୁଆ, ଗୁଜୁରାତି, ଲବଙ୍ଗ ସମର୍ପଣ କରି ପୂଜାର୍ଚ୍ଚନା କରାଯାଇଥାଏ । ତାଙ୍କ କରୁଣାରେ ସମସ୍ତ କାର୍ଯ୍ୟ ନିଶ୍ଚିତ ଫଳପ୍ରଦ ହୋଇଥାଏ । ଗୋଘୃତରେ ଆହୁତି ଆହୁରି ଅତୀବ ଫଳପ୍ରଦ ବହୁ ପରୀକ୍ଷିତ । ନିଶାର୍ଦ୍ଧ ରାତିରେ ଏକ ବିରାଟ ଅଗ୍ନି ପିଣ୍ଡୁଳା ବୁଲିବା, ମନ୍ଦିର ଭିତରେ ସୁ ସୁ ଗର୍ଜନ ହେବା, ଲିଙ୍ଗ ସଲଂଗ୍ନ ପାଦୁକ ଗର୍ଭରୁ ଗବ ଗବ ହୋଇ ଭୁଟିର ଆବିର୍ଭାବ ହେବା, ଅନ୍ତର ଆତ୍ମାକୁ ଭୟ ଓ ଭାବ ଭକ୍ତ ଜ୍ରାଗତ ହୋଇଥାଏ । ପ୍ରଭୁଙ୍କର ବିଭିନ୍ନ ଲୀଳା ଖେଳା ଦୃଶ୍ୟମାନ ଭୁକ୍ତଭୋଗୀ ସେବକମାନେ କହିଥାନ୍ତି । ଅନେକ ଭକ୍ତଙ୍କ ମୁଖରୁ ଏହି କଥା ଶୁଣାଯାଇଥାଏ । ପ୍ରଭୁଙ୍କର ନୀତିକାନ୍ତି ସେବାରେ ନଅ ଘର ସେବକ ନିଯୋଗ ଅଛନ୍ତି । ଏକାକ୍ଷାର ବ୍ରହ୍ମ ନାମ ଶୈବ ଯାହାଙ୍କୁ ଅନ୍ତର ଆତ୍ମାରୁ ଡାକିଲେ ମିଳେ ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ, ଅର୍ଥ, କାମ, ମୋକ୍ଷ, ସତଶିକ୍ଷା, ସଦଜ୍ଞାନ, ସତ୍‌ଚେତନା, ସତ ଧାରଣା,ସ୍ୱଧାୟ, ସେବା ସଂଯମ, ଭକ୍ତି, ଜାଗ୍ରତ ହୋଇ ଦିବ୍ୟଚକ୍ଷୁ ଖୋଲିଥାଏ । ପ୍ରଭୁଙ୍କ ମହିମା ମାହାତ୍ମ୍ୟ ଅବର୍ଣ୍ଣନୀୟ । ପ୍ରଭୁଙ୍କ ପିଠେ ରାମଲୀଳା, ପୁରାଣ ପାଠମ୍ୱକ ବିଶ୍ୱଶାନ୍ତି ମହାଯଜ୍ଞ, ଜାଗର ମହାଦୀପ, ଶ୍ରୀ ରାମନବମୀ, ଦକ୍ଷିଣୀ ସଂକୀର୍ତ୍ତନ, ଭାଗବତ ଜନ୍ମ, ଦୋଳ ଯାତ୍ରା, ହୋଲିପର୍ବ, ରାହାସ ଲୀଳା, ଶିବ ବିବାହ, ଶୀତଳଷଷ୍ଠୀ, ହରିହର ଭେଟ, ଦୋଳ ପୂର୍ଣ୍ଣିମା, ଲଉଡି ଖେଳ, ବଡ଼ ଓଷା, ବୈଶାଖ ପୂର୍ଣ୍ଣିମା, ପଣା ଓ ଅନେକ ଓଷା ବ୍ରତ, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଭୁଙ୍କ ପୀଠେ ହେବା ସହ ପ୍ରସାଦ ସେବନ ପୂର୍ଣ୍ୟପର୍ବ ଲାଗି ରହିଥାଏ । ଆମ୍ଭେ କଳିଯୁଗ ମହାପାପି କି ବର୍ଣ୍ଣନା କରିପାରିବୁ ଯାହାଙ୍କ ବିଷୟରେ ବ୍ରହ୍ମା, ବିଷ୍ଣୁ ସର୍ବ ଦେବଦେବୀ ଜାଣିବା କଷ୍ଟସାଧ୍ୟ । ତାଙ୍କ ନାମରେ କିଛି ମହିମା ରହିଛି । ଓଁ ବାଲୁଙ୍କେଶ୍ୱର

**ଓଁ – ଓଁ କାର ମୂରତି ପ୍ରଭୁ ଜୟ ସୃଷ୍ଟି କର୍ତ୍ତା,**
**ଓଁ ଅକ୍ଷର ଶ୍ରେଷ୍ଠ ମନ୍ତ୍ର ଗତି ମୁକ୍ତି ଦାତା,**
**ବା – ବାବା ଦୟାଳୁ ଠାକୁର ଭକତ ବତ୍ସଳ,**
**ବାର ତୀର୍ଥେ ରହି ଦୁଃଖ ନିବାର ସକଳ,**
**ଲୁ – ଲୁହ ଲହୁ ଏକ କରି ଡାକେ ଯେ ତୁମ୍ଭଙ୍କୁ ଲୁଚେ କ୍ଷମଦଣ୍ଡ ଲଭେ କୈଳାସ ପୁରକୁ,**
**ଙ୍କେ – କେମନ୍ତେ ରହିବେ ସର୍ବେ ବିଷ ପାନ କଲ କେତେ କଷ୍ଟେ ସୃଷ୍ଟି ରଖି ନୀଳ କଣ୍ଠ ହେଲ,**
**ଶ୍ୱ – ସ୍ୱର୍ଗ, ମର୍ତ୍ତ୍ୟ, ପାତାଳରେ ହୁଏ ଜୟଧ୍ୱନି, ସର୍ବଦେବ ସ୍ତୁତି କଲେ ଅଟ ମହାଜ୍ଞାନି,**
**ର – ରହିଛି ରହିଲା ଯଶ ଯୁଗ ଯୁଗ ଧରି ରଖି ଅଛ ପତିତଙ୍କୁ କରିଲେ ଗୁହାରି ।**

ମନ୍ଦିରର ପାର୍ଶ୍ୱ ଦେବାଦେବୀ ଭାବେ ପ୍ରଭୁଙ୍କର ଦକ୍ଷିଣ ଭାଗରେ ଅଛନ୍ତି ଜଗତକୁ ଶିକ୍ଷା ପ୍ରଦାନ କରିଥିବା ମାତାପିତାଙ୍କୁ ଶ୍ରେଷ୍ଠ ମଣିବା, ମାତୃପିତୃଙ୍କ ଚତୁଃପାର୍ଶ୍ୱ ବୁଲିବାମାନେ ସମ୍ପୂର୍ଣ୍ଣ ପୃଥିବୀ ଭ୍ରମଣ କରିବା ସଙ୍ଗେ ସମାନ ଏହି ମହନୀୟ ଚିନ୍ତା ଚେତନାକୁ ପାଥେୟ କରି ଅଗ୍ରପୂଜ୍ୟ ହେଲେ ସର୍ବେ ଦେବଦେବୀଙ୍କ ମଧ୍ୟେ ଗଜାନନ ମହାପ୍ରଭୁ ଓ ବାହନ ମୂଷିକ, ଠିକ୍ ପଶ୍ଚିମ ପାର୍ଶ୍ୱରେ କାର୍ତ୍ତିକେଶ୍ୱର ମହାପ୍ରଭୁ ବିରାଜମାନ ଯାହାଙ୍କ ବାହନ ହେଲେ ମୟୂର ପ୍ରଭୁଙ୍କର ବାମ ପାର୍ଶ୍ୱରେ, ଉତ୍ତର ଦିଗରେ ସ୍ୱର୍ଣିଳ ଉର୍ଣ୍ଣନି ମାତା ପାର୍ବତୀ ଦେବୀ ସିଂହବାହିନୀରେ ବିରାଜମାନ, କି ଆଶ୍ଚର୍ଯ୍ୟ କଥା ସର୍ବେ ଖାଦ୍ୟ ଓ ଖାଦକ କିନ୍ତୁ କେହି କାହାର କ୍ଷତି ନକରି ଭକ୍ତଙ୍କ ମଙ୍ଗଳ ନିମନ୍ତେ ସର୍ବଦା ଉଜାଗର ଥାଆନ୍ତି । ଏହି ବାଲୁଙ୍କେଶ୍ୱର ମନ୍ଦିର ନାମରେ ଦେଉଳି ଗ୍ରାମରେ ୧୯୬୨ ଓ ୧୯୬୩ ସାଲରେ ବାଲୁଙ୍କେଶ୍ୱର ମଧ ଇଂରାଜୀ ଓ ବାଲୁଙ୍କେଶ୍ୱର ବିଦ୍ୟାପୀଠ ଦେଉଳି ନାମରେ ହାଇସ୍କୁଲ ପ୍ରତିଷ୍ଠା ଲାଭ କରିଥିଲା । ଏହି ବିଦ୍ୟାପୀଠ ଆମ ବିକଶିତ ମାନବର ଯୁଗର ଭିନ୍ନ ଏକ ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ଇଂରାଜୀ ନବ ବର୍ଷ ୨୦୨୬ ବର୍ଷ ମା' ପାର୍ବତୀ ପତି ମହାଦେବଙ୍କ ଅପାର କରୁଣାରୁ ସୁଖ ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ,ବିଶ୍ୱର କଲ୍ୟାଣ ନିମନ୍ତେ ଧରିତ୍ରୀ ଶସ୍ୟ ଶ୍ୟାମଳରେ ପରି ପୂର୍ଣ୍ଣ ହେଉ ମଙ୍ଗଳ ହେଉ,ଏହି



ମନ୍ଦିରରେ ପୂଜାର୍ଚ୍ଚନାର ଅନେକ ସୁଫଳ ମିଳିବା ଲୋକମତ ରହିଛି । ଉକ୍ତ ମନ୍ଦିରରେ ପୂଜା ପାଠ କରୁଥିବା ପୂଜକ ସମ୍ପ୍ରଦାୟର ବରିଷ୍ଠ ପୂଜକ, ଆଧ୍ୟାତ୍ମିକ ପ୍ରାଣ, ସାରସ୍ୱତ ସାଧକ ତଥା କବି ସେବାୟତ ଜୟକୃଷ୍ଣ ନାୟକ ଏବଂ ଅନ୍ୟ ସମସ୍ତ ସହଯୋଗୀ ପୂଜକମାନଙ୍କ ସହଯୋଗରେ ଏହି ପରମ୍ପରା ତଥା ଆଧ୍ୟାତ୍ମିକ ଭିତ୍ତିକ କିମ୍ବଦନ୍ତୀ ତଥ୍ୟଟି ଆମର ହସ୍ତଗତ ହୋଇ ପାରିଛି । ଏହି ଦିଗରେ ଅଧିକରୁ ଅଧିକ ଗବେଷଣାର ଆବଶ୍ୟକତା ରହିଛି । ଆଜିର ସଭ୍ୟ ସମାଜ ପୂରାତନ କୀର୍ତ୍ତିରାଜି, ପ୍ରଥା ପରମ୍ପରା ଆଦି ମହନୀୟ ଦିଗ ଗୁଡିକ ଉପରେ ଶ୍ରଦ୍ଧା ରଖିବା ସହ ଏହାକୁ ଉଜ୍ଜୀବିତ କରିବାରେ ସହାୟ ହୁଅନ୍ତୁ ।

**ଇଂ ଶ୍ରୀକାନ୍ତ କୁମାର ବେହୁରିଆ,**
**କଟକ**



ମନୋରଞ୍ଜନ

# ‘ତୁ ଖରା ମୁଁ ଛାଇ’ର ନୂଆ ମୋଡ଼:



ଅକ୍ଷୟ ପରିଜା ପ୍ରଯୋଜିତ ଓ ବିଶ୍ୱରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶିତ ‘ତୁ ଖରା ମୁଁ ଛାଇ’ କାହାଣୀରେ ସାତ ବର୍ଷ ପରେ, ଅଭି ଆଉ ସେହି ପୁରୁଣା ମଣିଷ ହୋଇ ରହିନାହିଁ । ମାନିର ମୃତ୍ୟୁ ଖବର ତାକୁ ଏକ ଶାନ୍ତ କିନ୍ତୁ ଭୟଙ୍କର ବ୍ୟକ୍ତିତ୍ୱରେ ପରିଣତ କରିଦେଇଛି । ସେ ଗମ୍ଭୀର ଏବଂ ସଂଯମ । ଅନ୍ୟପଟେ ମାନି ନିଜର ପୁରୁଣା ସ୍ମୃତିକୁ ହରାଇ ଏକ ଅଲଗା ଦୁନିଆରେ ବଞ୍ଚିଛି । ସେ ମାନସିକ ଅସୁସ୍ଥତା ସହ ସଂଗ୍ରାମ କରିବା ସହିତ ନିଜର ଛଅ ବର୍ଷର ପୁଅ ‘ଗୋଲୁ’କୁ ବଡ଼ କରିବା ପାଇଁ ଅକ୍ଲାନ୍ତ ପରିଶ୍ରମ କରୁଛି । ମାଧବ ଚରିତ୍ର ପ୍ରତିଶୋଧ ନେବା ପାଇଁ ମାନିର ମନରେ ଲୁଚି ରହିଥିବା କ୍ରୋଧକୁ ଉସୁକାଉଥିବା ବେଳେ କାହାଣୀରେ ଆରମ୍ଭ ହେଉଛି ଏକ ଭୟଙ୍କର ଷଡ଼ଯନ୍ତ୍ର ଯାହା ଜଣେ ମାନିକୁ ନିଜ ଭାଗ୍ୟ ବିରୁଦ୍ଧରେ ଛିଡ଼ା କରିଦେଇପାରେ । ନାଟକ ପ୍ରିୟ ଗୋଲୁ (ମାନିର ପୁଅ) ନିଜର ବିଭିନ୍ନ ବେଶଭୂଷା ଏବଂ ଚପଳତା ମାଧ୍ୟମରେ ସମସ୍ତଙ୍କ ଜୀବନରେ ଉତ୍ସାହ ଓ ଭରସା ଭରିଦେଉଛି । ତେବେ କାହାଣୀରେ ଆସୁଛି ଏକ ରୋମାଞ୍ଚକର ଇମୋସନାଲ୍ ଥ୍ରୀଲର । ଜୀ ସାର୍ଥକର ପ୍ରତିଟି ମେଗା ଧାରାବାହିକ ସମୂହକୁ ମିଳିଛି ଦର୍ଶକଙ୍କ ଭଲ ପାଇବା, ଜୀ ସାର୍ଥକର ‘ତୁ ଖରା ମୁଁ ଛାଇ’ ମଧ୍ୟ ଏକ ସପରିବାର ଦର୍ଶକଙ୍କ ପାଇଁ ମନୋରଞ୍ଜନର ଖୋରାକ ଯୋଗାଇବା ସହ ଜୀବନରେ ପ୍ରେମ ଉପରେ ବିଶ୍ୱାସ କେତେ ଶକ୍ତି ଦେଇଥାଏ ତାହା ଆମ ଦର୍ଶକ ଦେଖି ଉତ୍ସାହିତ ହେବେ ବୋଲି ପ୍ରତିଶ୍ରୁତି ଦେଉଛନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ଶ୍ରୀ ରାହୁଲ ରାଓ ।

# ଲଣ୍ଡନରେ ହେବ ୫-ଷ୍ଟାର ଫିଲ୍ମ ଆୱାର୍ଡ

୫ ଷ୍ଟାର ଫିଲ୍ମ ଆୱାର୍ଡସ୍ ୨୦୨୬ - ଲଣ୍ଡନ, କେବଳ ସିନେମାଟିକ୍ ଉତ୍କୃଷ୍ଟତାକୁ ସମ୍ମାନ ଦେବା ନୁହେଁ, ବରଂ ଓଡ଼ିଶାର ସଂସ୍କୃତି, ପରମ୍ପରା, ସଙ୍ଗୀତ, ନୃତ୍ୟ ଓ ଐତିହ୍ୟକୁ ଭାରତର ସୀମାପାରେ ପ୍ରଚାର କରିବାକୁ ଲକ୍ଷ୍ୟ ରଖୁଛି । ଏହି ଆୟୋଜନ ଏକ ସାଂସ୍କୃତିକ ସେତୁ ଭାବେ କାମ କରିବ, ଯାହା ଓଡ଼ିଆ ସିନେମା ଓ ଓଡ଼ିଶାର କଳାତ୍ମକ ଐତିହ୍ୟକୁ ଅନ୍ତର୍ଜାତୀୟ ଦର୍ଶକ ଓ ୟୁକେରେ ରହୁଥିବା ଭାରତୀୟ ପ୍ରବାସୀମାନଙ୍କ ସମ୍ମୁଖରେ ପ୍ରଦର୍ଶନ କରିବ । ପାରମ୍ପରିକ ଓ ଆଧୁନିକ - ଦୁଇ ପ୍ରକାର ସାଂସ୍କୃତିକ ଉପାଦାନ ଓଡ଼ିଶାର ପ୍ରେରଣାରେ ଆଧୁନିକ ସିନେମାଟିକ୍ ଉତ୍ସବ ସହିତ ପ୍ରଦର୍ଶିତ ହେବ, ଯାହା ବିଶ୍ୱଭରି ବା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବର ମୁହୂର୍ତ୍ତ ହେବ । ଆକାଶ ଦାସ ନାୟକ, ସବ୍ୟସାଚୀ, ଅର୍ଚ୍ଚିତା ସାହୁ, ଏଲିନା ସମନ୍ତରାୟ, ପୁପିନ୍ଦର ସିଂହ, ଶୀତଲ ପାତ୍ର, ରିୟା ଦେ, ଦିବ୍ୟା ମହାନ୍ତି, ଶିବାନୀ ସଙ୍ଗୀତା, ଶ୍ରୀତମ ଦାସ, ଅର୍ଦ୍ଧେନ୍ଦୁ ସାହୁ, ସତ୍ୟଜିତ ପ୍ରଧାନ, ପ୍ରଜ୍ଞା ହୋତା, ମହାଶ୍ୱେତା ରାୟ, ଅମ୍ଳାନ ଦାସ, ବର୍ଷା ପ୍ରିୟଦର୍ଶିନୀ, ଅନୁ ଚୌଧୁରୀ, ପୁନମ ମିଶ୍ର, ବବି ମିଶ୍ର, ପପୁ ପମ୍ ପମ୍, ହରିହର ମହାପାତ୍ର, ଜ୍ୟୋତିରଞ୍ଜନ ନାୟକ, ସୂର୍ଯ୍ୟମୟୀ ମହାପାତ୍ରଙ୍କ ସହ ଅନେକ ଅନ୍ୟାନ୍ୟ ଓଡ଼ିଆ ଫିଲ୍ମ ତାରକାମାନେ ଅନ୍ତର୍ଜାତୀୟ ରେଡ୍ କାର୍ପେଟ୍‌ରେ ରହିବେ । ଅନ୍ତରା ଚକ୍ରବର୍ତ୍ତୀ, ସତ୍ୟଜିତ ପ୍ରଧାନ, ବର୍ଣ୍ଣାଲୀ ହୋତା, ସୁସ୍ମିତା ଦାସ, କୁଳଦୀପ ପଟ୍ଟନାୟକ, ଦୀପ୍ତିରେଖା ପାଢ଼ୀ, ଅନୁରାଧା ପାଣିଗ୍ରାହୀ, ଅଂଶୁମାନ ଆଦି ପ୍ରସିଦ୍ଧ ଗାୟକ-ଗାୟିକାମାନେ ମଧ୍ୟ ଯୋଗ ଦେବେ । ଯେଉଁଠାରେ ଓଡ଼ିଶାର ସଂସ୍କୃତି ବିଶ୍ୱ ସିନେମା ସହିତ ମିଳିବ ବୋଲି ଆୟୋଜକ ରମେଶ ବାରିକ କହିଛନ୍ତି ।








# ‘କଳା ଦିଅଁ’ ଲୋକାର୍ପିତ

ଉର୍ମି ମୋସନ୍ସ ପ୍ରସ୍ତୁତ ନୂଆ ଭଜନ କଳା ଦିଅଁ ଲୋକାର୍ପିତ ହୋଇଛି । ଏହି ଅବସରରେ ବରିଷ୍ଠ ରାଜନେତା ସୁରେଶ କୁମାର ରାଉତରାୟ, ବରିଷ୍ଠ ଅଭିନେତା ଅଶ୍ରୁମୋଚନ ମହାନ୍ତି, କଣ୍ଠଶିଳ୍ପୀ ସୁସ୍ମିତା ଦାସ, ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ, ମୀରା ପରିଡା, ଦୂତୀ ଚାନ୍ଦ, ଅଭିନେତା ପାର୍ଥ ସାରଥୀ ରାୟ, ପ୍ରୀତିରାଜ ଶତପଥୀ ପ୍ରମୁଖ ଯୋଗଦେଇଥିଲେ । ‘କଳା ଦିଅଁ’ରେ କଣ୍ଠଦାନ କରିଛନ୍ତି ସୌରଭ ଭରଦ୍ୱାଜ, ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ମହାଦେବ ରାଉତ ଏବଂ ଗୀତ ରଚନା କରିଛନ୍ତି ଦେବଜ୍ୟୋତି ନାୟକ । ନିର୍ଦ୍ଦେଶନା ଦେଇଛନ୍ତି ପତ୍ମୀନ ଦିବ୍ୟ ଏବଂ ସତ୍ୟ ବେହେରା । ଅଭିନୟ କରିଛନ୍ତି ମନ୍ମୟ ଦେ, ପାୟଲ ରାଉତରାୟ, ସୁଚରିତା ସ୍ୱାଇଁ ଏବଂ ଆକାଶ ହୋତା । ଗୀତ ସହିତ ଭିଡିଓ ଖୁବ ଉଚ୍ଚ କୋଟିର ହୋଇଥିବା ବେଳେ ଚିରାଚରିତ ପରିକଳ୍ପନାଠାରୁ ବହୁ ଉନ୍ନତମାନର ହୋଇଛି ।



# ପୁଣି ଆଣିଛି ପ୍ରେମର ପୁଲକ:

ଆଗାମୀ ତାମିଲ-ତେଲୁଗୁ ରୋମାଣ୍ଟିକ ଡ୍ରାମା ଯାହା ପ୍ରେମ ଦିବସକୁ ଆଖି ଆଗରେ ରଖି ମୁକ୍ତିଲାଭ କରିଛି । ଅଜୟ ଧିଶାନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଏକ ଦମ୍ପତି, କୈଲାସ ଏବଂ ଆଝିଙ୍କ ଉପରେ କେନ୍ଦ୍ର କରି ନିର୍ମାଣ କରାଯାଇଛି । ଛଅ ବର୍ଷ ପାଇଁ ସମ୍ପର୍କ ପରେ ‘ବ୍ରେକ୍ ଅପ୍’ ଏକ ଅଗ୍ନି ପରୀକ୍ଷାକୁ ସାମ୍ନା କରିଛି । ଏହି ଫିଲ୍ମରେ ବିଜୟ ଆଣ୍ଟୋନି, ପାଣ୍ଡିଆରାଜନ୍, ଆରକେ ଧନୁଷ ଏବଂ ଲକ୍ଷ୍ମୀ ମାଞ୍ଚୁ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି ।



# ନୂଆ ଚେହେରାରେ ବିଜୟ

ଜିଓହୋଷ୍ଟାରର ନୂତନ ପ୍ରୋଜେକ୍ଟ ମଧ୍ୟରେ ରହିଛି ବିଜୟ ସେଥୁପତିଙ୍କ ଅଭିନୀତ ‘କାଟ୍ଟାନ୍’ । କଦୈସୀ ବିଭାସାଇ ଫେମ୍ ଏମ୍ ମଣିକନ୍ଦନଙ୍କ ଦ୍ୱାରା ନିର୍ଦ୍ଦେଶିତ । ଭିଡିଓରେ ବିଜୟ ସେଥୁପତି, ଏକ ପାରମ୍ପରିକ ଲୁଙ୍ଗି ଏବଂ ସାର୍ଟ ପିନ୍ଧି ଭିନ୍ନ ଲୁକ୍‌ରେ ଦେଖାଦେଇଛନ୍ତି । ‘ପ୍ରତ୍ୟେକ ଅପରାଧର ଏକ କାହାଣୀ ଥାଏ । ପ୍ରତ୍ୟେକ କାହାଣୀର ଏକ ସତ୍ୟ ଥାଏ ।’ ଏହି ଥିମକୁ ନେଇ ନିର୍ଦ୍ଦେଶକ ବିଜୟଙ୍କ ପ୍ଲଟ୍ ତିଆରି କରିଛନ୍ତି । ଏଥିରେ ମିଲିନ୍ଦ ସୋମନ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି । ନିର୍ମାତାମାନେ କାଟ୍ଟାନ୍ ବିଷୟରେ ଅଧିକ ବିବରଣୀ ପ୍ରକାଶ କରିନାହାଁନ୍ତି । ତଥାପି, ହଲିଉଡ୍ ରିପୋର୍ଟର ଇଣ୍ଡିଆ ଅନୁଯାୟୀ, ଏହାକୁ ଏକ ସ୍ତରୀଭୂତ ଏବଂ କଠିନ ଚରିତ୍ର କାହାଣୀ ଭାବରେ ବର୍ଣ୍ଣନା କରାଯାଇଛି । କାହାଣୀଟି ମୁଖ୍ୟ ଚରିତ୍ରକୁ ଘେରି ରହିଥିବା ଲୋକଙ୍କ ଦୃଷ୍ଟିକୋଣରୁ ବର୍ଣ୍ଣନା କରାଯାଇଛି, ଯାହା ପରବର୍ତ୍ତୀ ଚରିତ୍ରର ବ୍ୟକ୍ତିତ୍ୱ ବିଷୟରେ ବିଭିନ୍ନ ସଂସ୍କରଣ ପ୍ରକାଶ କରେ । ନାୟକ ବିଷୟରେ କଥା ହେଉଥିବା ବ୍ୟକ୍ତିଙ୍କ ଅନୁସାରେ, ସେ ଜଣେ ରାକ୍ଷସ, ଏକ ପୌରାଣିକ କାହାଣୀ କିମ୍ବା ଏକ ଚମତ୍କାର ପୁରୁଷ ହୋଇପାରେ ।



ଖୋଲାଖୋଲି



# ଡାକ୍ତରୀ ଶିକ୍ଷା ଓ 'ବିତର୍କରେ ବିଯୁକ୍ତ ୪୦'

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଡାକ୍ତରୀ ପାଠପଢ଼ା ସବୁଠାରୁ କଷ୍ଟଦାୟକ ଓ ଏହି କଷ୍ଟଲବ୍ଧ ପାଠ ପାଇଁ ସମ୍ଭବତଃ ଡାକ୍ତରୀ ଶିକ୍ଷାକୁ ଏକ କଷ୍ଟଦାୟକ ଶିକ୍ଷା ଭାବରେ ସମସ୍ତେ ଜାଣନ୍ତି। ଅନେକ ଜାଣିଛନ୍ତି ଡାକ୍ତରୀ ପାଠ୍ୟକ୍ରମରେ ପିଜି ଡିଗ୍ରୀ ପାଇବା ନିମିତ୍ତ ଏମବିବିଏସ୍ ଅର୍ଥାତ୍ ଡାକ୍ତରୀ ସ୍ନାତକମାନଙ୍କୁ ଆଉ ସମ୍ଭବତଃ ବେଶି ପରିଶ୍ରମ ବା ଅଧ୍ୟବସାୟ କରିବା ପାଇଁ ପଡ଼ିବନାହିଁ। ଆମ ଦେଶରେ ଡାକ୍ତରୀ ପାଠ୍ୟକ୍ରମ ବ୍ୟବସ୍ଥାରେ ଏପରି ଶିକ୍ଷା ଓ ତାଲିମର ବ୍ୟବସ୍ଥା ରହିଛି ଜଣେ ପରୀକ୍ଷାର୍ଥୀ ଏଥିପାଇଁ ଆବଶ୍ୟକ ହେଉଥିବା ପ୍ରବେଶିକା ପରୀକ୍ଷା ଯାହାକୁ ନିଟ୍-ପିଜି କୁହାଯାଉଛି ସେଥିପରେ ବିଯୁକ୍ତ ଚାଳିଶ ନମ୍ବର ରଖିଲେ ମଧ ନାମ ଲେଖାଇବା ପାଇଁ ଯୋଗ୍ୟତା ରଖିପାରୁଛି। ନିକଟରେ ଏଭଳି ଏକ ପ୍ରସଙ୍ଗ ଉଦାହରଣ ସୃଷ୍ଟି ହେବାପରେ ଏହା ଅନେକ ବିବାଦ, ବିତର୍କ ଓ ତର୍କ ଆଲୋଚନାର ଝଡ଼ ସୃଷ୍ଟି କରିଛି। କେବଳ ସେତିକି ନୁହେଁ ଭାରତ ପରି ଡାକ୍ତର ସମୃଦ୍ଧ ଦେଶରେ ଡାକ୍ତରୀ ଶିକ୍ଷା ଓ ଡିଗ୍ରୀଧାରୀ ଡାକ୍ତରମାନଙ୍କର ଗୁଣାତ୍ମକ ଦକ୍ଷତାକୁ ନେଇ ମଧ ପ୍ରଶ୍ନ ଉଠିଛି।


ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ବା ଡାକ୍ତରୀ ଡିଗ୍ରୀ ହାସଲ କରିବା ପାଇଁ ଛାତ୍ରଛାତ୍ରୀଙ୍କ ଯୋଗ୍ୟତା ନିର୍ଦ୍ଧାରଣ କରିବାକୁ ଆମ ଦେଶରେ ନିର୍ଦ୍ଦିଷ୍ଟ ପ୍ରବେଶିକା ପରୀକ୍ଷା ଏମ୍‌ବିବିଏସ୍ ପାଇଁ ନିଟ୍ ୟୁଜି ଏବଂ ସ୍ପେଶାଲିଷ୍ଟ ପାଇଁ ନିଟ୍ ପିଜି ପ୍ରଚଳିତ ଅଛି। ଏହି ପ୍ରବେଶିକା ପରୀକ୍ଷାର ଫଳାଫଳ ଆଧାରରେ ମାନ୍ୟତାପ୍ରାପ୍ତ ମେଡ଼ିକାଲ କଲେଜରେ ନାମ ଲେଖାଇବାର ସୁଯୋଗ ମିଳୁଛି। ପ୍ରତି ଠିକ ଉତ୍ତର ପାଇଁ ୪ ନମ୍ବର ମିଳୁଥିବା ବେଳେ ପ୍ରତି ଭୁଲ ଉତ୍ତର ପାଇଁ ୧ ନମ୍ବର ବିଯୁକ୍ତ ହୋଇଯାଏ ଏବଂ ଆଦୌ ଉତ୍ତର ନଲେଖିଲେ ଶୂନ ମିଳେ। ମୋଟ ଠିକ ଉତ୍ତରର ଗୁଣନ ୪ର ଫଳାଫଳରୁ ମୋଟ ଭୁଲ ଉତ୍ତର ଗୁଣନ ୧ ଫଳାଖଳକୁ ବିଯୁକ୍ତ କଲେ ଯେଉଁ ସର୍ବଶେଷ ନମ୍ବର ରହେ ତାହା ଯୋଗ୍ୟତା ମାନଦଣ୍ଡ ବା ମେଧା ନିର୍ଦ୍ଧାରଣ କରେ। ସାମାନ୍ୟ ବା ଅତି ନଗଣ୍ୟ ପଏଣ୍ଟ ବ୍ୟବଧାନରେ ଭାଗ୍ୟ ନିର୍ଦ୍ଧାରଣ ହେଉଥିବାରୁ ଛାତ୍ରଛାତ୍ରୀମାନେ ଗଳଦର୍ଘମ ଉଦ୍ୟମ କରି ଆସୁଛନ୍ତି ଏବଂ ମେଡ଼ିକାଲ ଛାତ୍ରଛାତ୍ରୀ ଉତ୍ପାଦନକାରୀ ମେସିନ ରୂପେ ପରିଚିତ ରାଜସ୍ଥାନର କୋଟାରେ ଛାତ୍ରଛାତ୍ରୀମାନେ ଆକାଂକ୍ଷା, ପ୍ରତିଯୋଗିତା ଓ ମାତ୍ରାଧିକ ଚାପରେ ଆତ୍ମହତ୍ୟା କରୁଥିବା ଭଳି ଉଦାହରଣ ବଢ଼ିବାରେ ଲାଗିଛି। କିନ୍ତୁ ସଦ୍ୟତମ ନିଟ୍ ପିଜିରେ ସୃଷ୍ଟି ହୋଇଥିବା ଏହି ବ୍ୟତିକ୍ରମ ଯେତିକି ଆଶ୍ଚର୍ଯ୍ୟଜନକ ତତୋଧିକ ଉଦବେଗଜନକ। ଏହି ପରୀକ୍ଷାରେ ଠିକ ଉତ୍ତର ଓ ଆଦୌ ଉତ୍ତର ଦେଇ ନଥିବା ପ୍ରଶ୍ନ ତୁଳନାରେ ଅଧିକ ଭୁଲ ଉତ୍ତର ଦେଇଥିବା ବା ବିଯୁକ୍ତାତ୍ମକ ୪୦ (-୪୦) ନମ୍ବର ରଖିଥିା ଜଣେ ପରୀକ୍ଷାର୍ଥୀଙ୍କୁ ପିଜି ସ୍ପେଶାଲିଷ୍ଟ ପାଠ୍ୟକ୍ରମରେ ନାମ ଲେଖାଇବାର ସୁଯୋଗ ମିଳିଛି। ଏହି ଧାରା ପୂର୍ବ ବର୍ଷମାନଙ୍କରୁ ଜାରି ରହିଥିବା ବେଳେ ଚଳିତ ବର୍ଷ ବିଯୁକ୍ତ ୪୦ ପର୍ଯ୍ୟନ୍ତ ହ୍ରାସ ପାଇଛି।

ସବୁଠାରୁ ବଡ଼କଥା ହେଉଛି ଆମ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ର ପ୍ରତି ଅନେକ ଆହ୍ୱାନ ଭିତରେ ଗୋଟିଏ ବଡ଼ ଆହ୍ୱାନ ହେଉଛି ଚଳିତ ବର୍ଷ ଦେଶର ବିଭିନ୍ନ ମେଡ଼ିକାଲ କଲେଜରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ପିଜି ସିଟ୍ ସଂଖ୍ୟା ଯୋଡ଼ା ଯାଇଥିଲେ ମଧ ସେଥିରେ ନାମ ଲେଖାଇବା ପାଇଁ ପରୀକ୍ଷାର୍ଥୀମାନେ ଆଶା ମୁତାବକ ନିର୍ଦ୍ଦିଷ୍ଟ ନମ୍ବର ରଖିବାରେ ବଞ୍ଚିତ ହୋଇଛନ୍ତି। ତେଣୁ ସମସ୍ତ ପିଜି ସିଟ୍ ସଂଖ୍ୟା ପୂରଣ କରିବା ଉଦ୍ଦେଶ୍ୟରେ ଶତପ୍ରତିଶତ ନମ୍ବର ରଖିଥିବା ପ୍ରାର୍ଥୀଙ୍କ ସହିତ ଶୂନ ବା ତଳକୁ ଚାଳିଶ ପର୍ଯ୍ୟନ୍ତ ବିଯୁକ୍ତାତ୍ମକ ନମ୍ବର ରଖିଥିବା ପ୍ରାର୍ଥୀଙ୍କୁ ସୁଯୋଗ ଦେବା ପାଇଁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଏହାର ଫଳସ୍ୱରୂପ ଡାକ୍ତର ପିଜି ପାଠ୍ୟକ୍ରମରେ ନାମ ଲେଖାଇବା ନିମିତ୍ତ ଚିଳତ ବର୍ଷ କଟ୍‌ଅପ୍ ମାର୍କ ବିଯୁକ୍ତ ୪୦କୁ ଖସି ଆସିଛି। ବିଶେଷଜ୍ଞ ହେବାକୁ ଯାଉଥିବା ବିଶେଷକରି ଜୀବନରକ୍ଷାକାରୀ ଏକ ସେବା ବ୍ୟବସ୍ଥାରେ ଯୋଡ଼ି ହେବାକୁ ଯାଉଥିବା ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଯୋଗ୍ୟତା ଏଥିରୁ ସୁସ୍ପଷ୍ଟ। ଉଲ୍ଲେଖନୀୟ କଥା ହେଉଛି ସରକାରୀ ଭାବରେ ଏହି ଅପରିଣାମଦର୍ଶୀ ନୀତି, ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତିର ଫଳ ଆଗାମୀ ଦିନରେ ନିଶ୍ଚିନ୍ତ ପଡ଼ିବ।

ଏହା ବେଶ ଭଲଭାବେ ଜଣାଯେ ଭାରତରେ ଯେତିକି ସଂଖ୍ୟାରେ ମେଡ଼ିକାଲ କଲେଜମାନ ନିର୍ମାଣ ହେଉଛି ତାହାକୁ ଦେଖି ସେଥି ନିମିତ୍ତ ଆବଶ୍ୟକ ପଡୁଥିବା ଭିତ୍ତିଭୂମି, ଆବଶ୍ୟକ ପାରା ମେଡ଼ିକାଲ ସୁବିଧା ଓ ସର୍ବୋପରି ଶିକ୍ଷକଙ୍କ ଘୋର ଅଭାବ ରହିଛି। ତେଣୁ ଡାକ୍ତରୀ ଶିକ୍ଷା ଓ ତାଲିମ ଭଳି ଏକ କ୍ଷେତ୍ର ଯାହା ଅଧିକରୁ ଅଧିକ ପ୍ରାକ୍ଟିକାଲ ହେବା କଥା ସେଥିରେ ଆମ ଡାକ୍ତରୀ ଛାତ୍ରଛାତ୍ରୀମାନେ କେବଳ ଥିଓରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଡିଗ୍ରୀ ହାସଲ କରୁଛନ୍ତି। ସଂଖ୍ୟା ଦୃଷ୍ଟିରୁ ଦେଖିଲେ ସରକାର ଶ୍ରେୟ ନେବାକୁ ଯାଇ ଏହି ପ୍ରୟାସରେ ଭାରତରେ ପ୍ରତି ବର୍ଷ ଡିଗ୍ରୀଧାରୀ ଡାକ୍ତରଙ୍କ ସଂଖ୍ୟା ତ ବଢୁଛି କିନ୍ତୁ ଗୁଣାତ୍ମକ କ୍ଷେତ୍ର ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ତେଣୁ ନିଟ୍-ପିଜିରେ ଯଦି ବିଯୁକ୍ତ ଚାଳିଶ ନମ୍ବର ରଖିଥିବା ଜଣେ ଛାତ୍ର ନାମ ଲେଖାଇବାର ସୁଯୋଗ ପାଇଲା ସେଥିରେ କେହି ଆଶ୍ଚର୍ଯ୍ୟ ହେବାର ନାହିଁ।



ଏଠାରେ ଏକ ସ୍ୱତଃ ପ୍ରଶ୍ନ ଉଠୁଛି ଭାରତ ପରି ଏକ ବିଶାଳ ଜନସଂଖ୍ୟାର ରାଷ୍ଟ୍ରରେ ଯଦି ଏହି ଧାରା ଜାରି ରହେ ତେବେ ଆସନ୍ତା ଦିନରେ ଡାକ୍ତରୀ ପାଠ୍ୟକ୍ରମର ଛାତ୍ରଛାତ୍ରୀମାନେ ନିଟ୍ ପିଜିରେ କେବଳ ଶତପ୍ରତିଶତ ନିଶ୍ଚିନ୍ତ ଥିବା ଦୁଇ ଚାରୋଟି ଉତ୍ତର ଲେଖି ଦେଇ କିମ୍ବା ଆଦୌ ଉତ୍ତର ନଲେଖି ଖାତା ଦେଇ ଚାଲିଆସିବାର ସମ୍ଭାବନା ଯେ ସୃଷ୍ଟି ନ ହେବ ତାହା କିଏ କହିବ ? କାରଣ ଯେଉଁଠି କଟ୍‌ଅଫ୍ ମାର୍କ ବିଯୁକ୍ତ ୪୦ ପର୍ଯ୍ୟନ୍ତ ଯାଉଛି ସେଠାରେ ୧୨/୧୬ ନମ୍ବର କିମ୍ବା ଶୂନ ରଖିଲେ ମଧ ନାମ ଲେଖା ପାଇଁ ସୁଯୋଗ ମିଳିପାରିବ। ହୁଏତ କର୍ତ୍ତୃପକ୍ଷ ବିଯୁକ୍ତ ୪୦ ବିତର୍କ ଓ ସମାଲୋଚନାରୁ ବର୍ତ୍ତିବା ପାଇଁ ଆଗାମୀ ବର୍ଷ ଠାରୁ ଅତି ସହଜ ପ୍ରଶ୍ନପତ୍ର ପ୍ରସ୍ତୁତ କରିବେ ଏବଂ କଟ୍‌ଅଫ୍ ମାର୍କ ବିଯୁକ୍ତାତ୍ମକ ନ ହୋଇପାରେ, କିନ୍ତୁ ଏହାଦ୍ୱାରା ବିନା ପ୍ରାକ୍ଟିକାଲ କିମ୍ବା ବିନା ଶିକ୍ଷକରେ ଉତ୍ତୀର୍ଣ୍ଣ ହୋଇଥିବା ଆମ ଏମ୍‌ବିବିଏସ୍ ଡିଗ୍ରୀଧାରୀ ମାନଙ୍କର ମେଧାଶକ୍ତି ଯେ ବୃଦ୍ଧି ପାଇବ ତାହା ଭାବିବା ଭୁଲ। ପୁଣି ଏହି ପରମ୍ପରା ଯଦି ଏମବିବିଏସ ପାଠ୍ୟକ୍ରମ ବା ନିଟ୍ ୟୁଜିକୁ ସଂକ୍ରମିତ ହୁଏ ଆଗାମୀ ଦିନରେ ଆମ ସ୍ୱାସ୍ଥ୍ୟସେବାକୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଭବିଷ୍ୟତର ଡାକ୍ତର ମାନଙ୍କର ରୋଗ ନିଦାନ ଦକ୍ଷତା, ଚିକିତ୍ସାଗତ ପାରଦର୍ଶିତା ଓ ସ୍ୱାସ୍ଥ୍ୟ ବିଜ୍ଞାନ ସମ୍ପର୍କିତ ଜ୍ଞାନ ଓ ଅଭିଜ୍ଞାତ କ'ଣ ହେବ ତାହା ଅନୁମେୟ। ଏକ ପକ୍ଷରେ ସରକାର ଅଧିକ ଡାକ୍ତର ସୃଷ୍ଟି କରିବାର ଶ୍ରେୟ ସାଉଁଟି ଚାଲିଥିବେ, ଅପରପକ୍ଷରେ ରୋଗୀମାନେ କେବଳ ଭାଗ୍ୟ ଓ ଭଗବାନଙ୍କୁ ଭରସା କରି ଡାକ୍ତରଖାନାକୁ ଯାଉଥିବେ କିମ୍ବା ସେଠାରୁ ଫେରୁଥିବେ।



**ପ୍ରତିରତ୍ନିକ ଓ ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ : ୯୪୩୭୦୫୧୯୫୭**

ଦୃଷ୍ଟି

# ଭାରତୀୟ ବ୍ୟାଙ୍କ ଓ ଏନ୍‌ପିଏ ବୋଝ


**ଯୁଧିଷ୍ଠିର ମହାରଣା**

ଦେଶରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଅସ୍ତିତ୍ୱ ଏବେ ବିପଦରେ। ପୂର୍ବରୁ ଅନାଦାୟ ଋଣ ବା ଏନ୍‌ପିଏରେ ବୃଦ୍ଧିକୁ ନେଇ ବ୍ୟାଙ୍କ ଗୁଡ଼ିକ ସମସ୍ୟାରେ ରହିଥିବାବେଳେ ଏବେ ବିନା ଗ୍ୟାରେଣ୍ଟିରେ ଋଣ ପରିମାଣ ବୃଦ୍ଧି ଆଉ ଏକ ଚିନ୍ତାର ବିଷୟ ହୋଇଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଏବେ ବିନା ବନ୍ଧକରେ ଲକ୍ଷ ଲକ୍ଷ କୋଟି ଟଙ୍କାର ଋଣ ଯୋଗାଇ ଦିଆଯାଉଛି। ବିନା କୌଣସି ବନ୍ଧକ ବା ଗ୍ୟାରେଣ୍ଟିରେ ବ୍ୟାଙ୍କ ଗୁଡ଼ିକ ଦେଇଛନ୍ତି ୪୬.୯ ଲକ୍ଷ କୋଟି ଟଙ୍କାର ଋଣ। ଗତ ୨୦ ବର୍ଷ ଭିତରେ ଏଭଳି ଋଣ ପରିମାଣ ୨୩ ଗୁଣ ବୃଦ୍ଧି ପାଇଛି। ୨୦୦୫ରେ ବିନା କୌଣସି ବନ୍ଧକରେ ବ୍ୟାଙ୍କଗୁଡ଼ିକ ୨ ଲକ୍ଷ କୋଟି ଋଣ ଦେଇଥିବାବେଳେ ୨୦୨୫ରେ ଏହି ପରିମାଣ ୪୬ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଯାଇଛି, ଯାହା ଗତ ଦୁଇ ଦଶନ୍ଧି ମଧ୍ୟରେ ବ୍ୟାଙ୍କ ଗୁଡ଼ିକର ଅସୁରକ୍ଷିତ ଋଣକୁ ଦ୍ରୁତ ଗତିରେ ବଢ଼ାଇ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କର ସଦ୍ୟତମ ରିପୋର୍ଟରେ କୁହାଯାଇଛି।

ଭାରତୀୟ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଗତ ଦୁଇ ଦଶନ୍ଧି ମଧ୍ୟରେ ଋଣ ପ୍ରଦାନ ପଦ୍ଧତିରେ ଏକ ବଡ଼ ସାଂରଚନିକ ପରିବର୍ତ୍ତନ ଦେଖିବାକୁ ମିଳିଛି। ଷ୍ଟେଟ ବ୍ୟାଙ୍କର ଏହି ସଦ୍ୟତମ ରିପୋର୍ଟ ଅନୁଯାୟୀ ଦେଶରେ ଅସୁରକ୍ଷିତ ଋଣ ପରିମାଣ ୪୬.୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। କୌଣସି ବନ୍ଧକ କିମ୍ବା ସୁରକ୍ଷା ବିନା ଦିଆଯାଇଥିବା ଏହି ଋଣ ଏଭଳି ଘାତକ ବୃଦ୍ଧି ବ୍ୟାଙ୍କିଙ୍ଗ ବ୍ୟବସ୍ଥା ପ୍ରତି ବଡ଼ ବିପଦ କୁହାଯାଉଛି। ଏଥିଯୋଗୁ ମୋଟ ବ୍ୟାଙ୍କ ଋଣରେ ଅସୁରକ୍ଷିତ ଋଣର ଅଂଶ ମଧ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି। ୨୦୦୫ ଆର୍ଥିକ ବର୍ଷରେ ବ୍ୟାଙ୍କ ଋଣରେ ଅସୁରକ୍ଷିତ ଋଣ ଅଂଶ ୧୭.୭% ରହିଥିବାବେଳେ ୨୦୦୫ ଆର୍ଥିକ ବର୍ଷରେ ଏହା ୨୪.୫%କୁ ବୃଦ୍ଧି ପାଇଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ୨୦୧୯ ଆର୍ଥିକ ବର୍ଷ ଠାରୁ ମୋଟ ଋଣରେ ଅସୁରକ୍ଷିତ ଋଣର ଅଂଶ କ୍ରମାଗତ ଭାବରେ ୨୦% ଉପରେ ରହିଛି। ଯେହେତୁ ଏହି ଋଣ ଗୁଡ଼ିକ ବିନା ବନ୍ଧକରେ ଦିଆଯାଇଛି ତେଣୁ ସେଗୁଡ଼ିକର ବର୍ଦ୍ଧିତ ପରିମାଣ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ସମ୍ଭାବ୍ୟ ଋଣ ବିପଦ ସମ୍ପର୍କରେ ଆଗୁଆ ସୂଚନା ଦେଉଛି।

ଭାରତର ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ମୋଟ ଅସୁରକ୍ଷିତ ଋଣର ଦେଶର ସରକାରୀ ବ୍ୟାଙ୍କ ଗୁଡ଼ିକର ଅଂଶ ୫୩% ରହିଥିବାବେଳେ, ଘରୋଇ କ୍ଷେତ୍ରର ବ୍ୟାଙ୍କ ଗୁଡ଼ିକର ଅଂଶ ୩୮% ରହିଛି। ସେହିପରି ଏଥିରେ ବିଦେଶୀ ବ୍ୟାଙ୍କ ଗୁଡ଼ିକର ଅଂଶ ୭% ଏବଂ କ୍ଷୁଦ୍ର ଆର୍ଥିକ ବ୍ୟାଙ୍କଗୁଡ଼ିକର ଅଂଶ ୨% ରହିଛି। କୌତୁହଳର ବିଷୟ ହେଉଛି ବ୍ୟାଙ୍କରେ ଅସୁରକ୍ଷିତ ଋଣ ସୁରକ୍ଷିତ ଋଣ ଅପେକ୍ଷା ବହୁତ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ନିକଟରେ ଡିସେମ୍ବରରେ ଆରବିଆଇ ଏଡାର ଆର୍ଥିକ ସ୍ଥିରତା ରିପୋର୍ଟରେ ମଧ ବୃଦ୍ଧି ପାଉଥିବା ଅସୁରକ୍ଷିତ ଋଣ ପ୍ରସଙ୍ଗ ଉଠାଇଛି। ଫିନଟେକ୍ ଋଣଦାତାଙ୍କ ମୋଟ ଋଣର ୭୦%ରୁ ଅଧିକ ଅସୁରକ୍ଷିତ ଋଣ ରହିଛି। ଏହି ଋଣର ଅଧାରୁ ଅଧିକ ୩୫ ବର୍ଷରୁ କମ ବୟସର ଋଣଗ୍ରହୀତାଙ୍କୁ ଦିଆଯାଇଛି, ଯାହା ଅସୁରକ୍ଷିତ ଋଣ କ୍ଷେତ୍ରରେ ଯୁବ ଋଣ ଗ୍ରହୀତାଙ୍କ ବର୍ଦ୍ଧିତ ଅଂଶକୁ ପ୍ରତିଫଳିତ କରୁଛି। ବ୍ୟାଙ୍କ ଗୁଡ଼ିକର ଅନାଦାୟ ଋଣ ସମ୍ପ୍ରତି ହ୍ରାସ ପାଉଥିବାବେଳେ, ଅସୁରକ୍ଷିତ ଋଣ ବଢୁଥିବାରୁ ପୁନର୍ବାର ଏହା ଏନ୍‌ପିଏରେ ବୃଦ୍ଧି ଘଟାଇବା ଆଶଙ୍କା ସୃଷ୍ଟି କରିଛି।


ଭାରତରେ ବର୍ଷକୁ ବର୍ଷ ଅନାଦାୟ ବ୍ୟାଙ୍କ ଋଣ ଉଦବେଗଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦର ଚଳିତ ଶୀତ ଅଧିବେଶନରେ ଦେଇଥିବା ତଥ୍ୟାନୁଯାୟୀ ଗତ ପାଞ୍ଚ ବର୍ଷ ଭିତରେ ଭାରତର ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ ଗୁଡ଼ିକର ଏନ୍‌ପିଏ ପାଖାପାଖି ୧୦.୫୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ ଗ୍ରାହକଙ୍କୁ ଦେଇଥିବା ଋଣ ଅସୁଲ ନକରିପାରିବା ସମ୍ପୃକ୍ତ ବ୍ୟାଙ୍କର ପରିଚାଳନାଗତ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିଲେ ହେଁ ସେଥିପାଇଁ ପରିଚାଳନା ଓ ନିର୍ଦ୍ଦେଶକ ମଣ୍ଡଳୀକୁ ସିଧାସଳଖ ଦଣ୍ଡିତ କରାଯିବାର ନିୟମ ଆମ ଦେଶରେ ନାହିଁ। ଅପରପକ୍ଷରେ ବ୍ୟାଙ୍କ ଅଧିକାରୀମାନଙ୍କ ପାଇଁ ଯେଉଁ ବ୍ୟବସାୟିକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥାଏ ତାହାକୁ ପୂରଣ କରିବା ପାଇଁ କିପରି ଅଧିକରୁ ଅଧିକ ଋଣ ମଞ୍ଜୁର କରାଯାଇପାରିବ ତାହାକୁ ଅଗ୍ରାଧିକାର ଦିଆଯାଏ। ବିଡ଼ମ୍ବନା ହେଲା ଜରୁରୀ ସମ୍ବଳ ଆବଶ୍ୟକ କରୁଥିବା ସାଧାରଣ ଗ୍ରାହକଟିଏ ଋଣ ପାଇବାକୁ ନୟାନ୍ତ ହୋଇପଡୁଥିଲେ ମଧ ତାହାକୁ ନେଇ




ସେ ଚିନ୍ତାରେ ପଡ଼ିଯାଏ। ସୁଧ ଓ କିସ୍ତି ପୈଠରେ ସାମାନ୍ୟ ଖିଲାପ ହେଲେ ଋଣଦାତା ବ୍ୟାଙ୍କ ବିଚରା ଋଣ ଗ୍ରହୀତାର ଘରବାଡ଼ି ସମ୍ପତ୍ତି ଜବତ କରିଦେବାର ଉଦାହରଣ ବହୁଳ। ଅପରପକ୍ଷରେ ଥିଲାବାଲା ବା ଅତ୍ୟାଧିକ ଧନୀମାନେ କିସ୍ତି ଓ ସୁଧ ପୈଠରେ ଉଦେଶ୍ୟମୂଳକ ଖିଲାପ କରି ଆସୁଥିଲେ ମଧ ସେମାନଙ୍କୁ ବ୍ୟାଙ୍କ କର୍ତ୍ତୃପକ୍ଷ ଅକୁଣ୍ଠ ଚିତ୍ତରେ ହଜାର ହଜାର କୋଟି ଟଙ୍କାର ଋଣ ପୁନଃ ମଞ୍ଜୁର କରିବାରେ ଅବହେଳା କରନ୍ତି ନାହିଁ। ଏଥିରେ ଉଚ୍ଚ ରାଜନୈତିକ ମହଲରୁ ଚାପ ମଧ ପଡ଼ିବାର ନଜିର ରହିଛି। ଏଥିପାଇଁ ବିଜୟ ମାଲ୍ୟା, ନିରବ ମୋଦି, ମେହୁଲ ଚୋକ୍ସିଙ୍କ ଭଳି ଅନେକ ଅଭ୍ୟାସଗତ ଋଣ ଖିଲାପୀବାଲାଙ୍କ ଉଦାହରଣ ନିଆଯାଇପାରେ। ଭାରତରେ ବ୍ୟାଙ୍କ ଏନ୍‌ପିଏ ଉଦବେଗଜନକ ଭାବେ ବୃଦ୍ଧି ପାଇବା ପଛରେ ଏହା ଏକ ବଡ଼ କାରଣ।

ବାଣିଜ୍ୟିକ ବ୍ୟାଙ୍କର ମୂଳ ଲକ୍ଷ୍ୟ ହେଲା ଋଣ ସହାୟତା ଜରିଆରେ ଦେଶର ବ୍ୟବସାୟ କ୍ଷେତ୍ରକୁ ସହାୟତା ତଥା ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା। ବ୍ୟାଙ୍କ ଦେଉଥିବା ଋଣ ତାହାର ଆସେଟ୍ ବା ସମ୍ପଦ ଭାବରେ ପରିଗଣିତ ହୁଏ। କାରଣ ଋଣଦାତା ବ୍ୟାଙ୍କ ଏହି ଋଣରୁ ସୁଧ ଆକାରରେ ନିୟମିତ ଆୟ କରିଥାଏ। ବ୍ୟବସାୟ ଆରମ୍ଭ କରୁଥିବା କିମ୍ବା ସମ୍ପ୍ରସାରଣ କରିବାକୁ ଚାହୁଁଥିବା ବ୍ୟବସାୟୀ ଯେପରି ଠିକ ସମୟରେ ଋଣ ପାଇବାରେ ଅସୁବିଧା ନ ଭୋଗନ୍ତି ବା ପାତର ଅନ୍ତରର ଶିକାର ନହୁଅନ୍ତି ସେଥିପାଇଁ କେନ୍ଦ୍ର ସରକାର ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକର ଜାତୀୟକରଣ କରିଥିଲେ। କିନ୍ତୁ ଅସଲରେ ବ୍ୟାଙ୍କ ଜାତୀୟକରଣର ମହତ ଲକ୍ଷ୍ୟ ଯେ ପରାହତ ହୋଇଛି ତାହା ପ୍ରାୟ ୫ ଦଶନ୍ଧି ପରେ ସ୍ପଷ୍ଟ ହୋଇଛି। ବ୍ୟାଙ୍କର ଆଉ ଏକ ଦାୟିତ୍ୱ ହେଉଛି ଯେ ଠିକ ସମୟରେ ଋଣ ଗ୍ରହୀତାଙ୍କ ଠାରୁ ସୁଧ ସମେତ କିସ୍ତି ଅସୁଲ କରିବା। ଏଥିରେ ଖିଲାପ ହେଲେ ଋଣ ରାଶି ଏନ୍‌ପିଏ ବା ନନ୍ ପରଫର୍ମି ଆସେଟ୍ ଭାବରେ ଗଣାଯାଏ। ବ୍ୟାଙ୍କ ଖାତାରେ କୌଣସି ଋଣ ପରିଶୋଧ ତାରିଖର ୯୦ ଦିନ ପର୍ଯ୍ୟନ୍ତ ଅନାଦାୟ ରହିଲେ ତାହାକୁ ଏନ୍‌ପିଏ ଭାବରେ ଘୋଷିତ କରାଯାଏ।

ଭାରତରେ ୨୦୦୮ ପର୍ଯ୍ୟନ୍ତ ବ୍ୟବସାୟରେ ବିଶାଳ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହେବା ସହିତ ଅର୍ଥନୈତିକ ଅଭିବୃଦ୍ଧି ଉତ୍ସାହଜନକ ଭାବେ ଦୁଇ ଅଙ୍କ ପାଖାପାଖି ଛୁଇଁଥିଲା। ଏହି ଧାରାକୁ ଦୃଷ୍ଟିରେ ରଖି ବ୍ୟାଙ୍କମାନେ ବିପୁଳ ପରିମାଣରେ ଋଣ ମଞ୍ଜୁର କରିବାରେ ଲାଗିଲେ। କିନ୍ତୁ ୨୦୦୮ରେ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ପରେ ଏହି ସୁଯୋଗ ଓ ସମ୍ଭାବନା କ୍ରମଶଃ ସଙ୍କୁଚିତ ହୋଇଆସିଲା ଏବଂ ଉଭୟ ବ୍ୟବସାୟ ଓ ଅର୍ଥନୀତି ପ୍ରଭାବିତ ହେଲା। ତେଣୁ ସ୍ୱାଭାବିକ ଭାବରେ ଅନାଦାୟ ଋଣ ସମସ୍ୟା ସୃଷ୍ଟି ହେଲା। ବିଶେଷକରି ୨୦୧୪ ପରେ ଏନ୍‌ପିଏ ପରିମାଣ ବୃଦ୍ଧି ପାଇ ଏକ ବିଶାଳ ପାହାଡ଼ ଆକାରରେ ଦେଶର ଅର୍ଥନୀତି ଆଗରେ ଉଭା ହୋଇଥିଲା। ଭାରତରେ ଏନପିଏ ବୃଦ୍ଧି ପାଇବା ପଛରେ ଆଉ ଏକ କାରଣ ହେଉଛି ଋଣ ନେଇଥିବା ବୃହତ ଶିଳ୍ପ ସଂସ୍ଥାଗୁଡ଼ିକର ଆର୍ଥିକ ସ୍ଥିତି ଓ ଋଣ ପରିଶୋଧ କରିବାର କ୍ଷମତା ନିୟମିତ ଆକଳନ କରାଗଲା ନାହିଁ। ଅଧିକନ୍ତୁ ଶିଳ୍ପାୟନ ଆଳରେ ଶିଳ୍ପପତିମାନଙ୍କୁ ଋଣ ନିୟମକୁ କୋହଳ କରିଦିଆଗଲା। ଏହାଛଡ଼ା ଅତୀତରେ ଉଦ୍ୟୋଗପତିମାନଙ୍କ ବିପୁଳ ଋଣ ଚାହିଦା ମେଣ୍ଟାଇବା ପାଇଁ ଏକାଧିକ ବ୍ୟାଙ୍କ ମିଳିତ କନ୍‌ସୋର୍ଟିୟମ ଗଠନ କରାଗଲା। ମାଲ୍ୟାଙ୍କର କିଙ୍ଗଫିସର ପରି କମ୍ପାନୀମାନେ ବିଶାଳ ପରିମାଣର ଋଣ




ପରିଶୋଧରେ କ୍ରମାଗତ ଅସଫଳ ହେବା ପରେ ଋଣଦାତା ବ୍ୟାଙ୍କ କନ୍‌ସୋର୍ଟିୟମ ସହିତ ଦେଶର ସାମଗ୍ରିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ତାହା ପ୍ରଭାବିତ କଲା। ଏଥିସହିତ ମରୁଡ଼ି, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ଯୋଗୁଁ କୃଷି ଋଣ ମଧ ଅନାଦାୟ ହୋଇପଡ଼ିଲା। କେତେଜଣ ଶିଳ୍ପପତି ଜାଲ କାଗଜପତ୍ର ପ୍ରସ୍ତୁତ କରି ଅସାଧୁ ବ୍ୟାଙ୍କ କର୍ମଚାରୀଙ୍କ ସହାୟତାରେ ବିପୁଳ ପରିମାଣର ଋଣ ରାଶି ବିଦେଶରେ ଥିବା ଆକାଉଣ୍ଟକୁ ସ୍ଥାନାନ୍ତରିତ କରିଦେଲେ। ଏହିସବୁ ଘଟଣା ପ୍ରତି ଯଦି କେନ୍ଦ୍ର ସରକାର ପ୍ରାରମ୍ଭରୁ ଯତ୍ନଶୀଳ ହୋଇଥାନ୍ତେ ତେବେ ଆଜି ଭାରତୀୟ ଅର୍ଥନୀତିକୁ ଏନ୍‌ପିଏର ପାହାଡ଼ ମୁଣ୍ଡାଇବାକୁ ପଡ଼ି ନଥାନ୍ତା। ମେହୁଲ ଚୋକ୍ସି, ନିରବ ମୋଦୀ, ବିଜୟ ମାଲ୍ୟାଙ୍କୁ ପଳାତକ ଘୋଷଣା କରାଯିବା ସହିତ ଅନାଦାୟ ଋଣ ବା ଏନ୍‌ପିଏ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର ବିଳମ୍ବରେ ହେଲେ ମଧ ଉଦ୍ୟମ ଆରମ୍ଭ କଲେ। ଏହି ଉଦ୍ୟମର ଏକ ଅଂଶସ୍ୱରୂପ ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ୍‌ରେ ଆବଶ୍ୟକୀୟ ସଂଶୋଧନ କରାଗଲା। ବ୍ୟାଡ୍ ବ୍ୟାଙ୍କ ଗଠନ ପାଇଁ ମଧ ବାଟ ଫିଟିଲା। ଏହାଦ୍ୱାରା ସମ୍ପୂର୍ଣ୍ଣ ନ ହେଲେ ମଧ ବ୍ୟାଙ୍କର ଏନ୍‌ପିଏ ସମସ୍ୟା କେତେକାଂଶରେ ସମାଧାନ ହେବାର ଦେଖାଗଲା। ଏହି ବ୍ୟବସ୍ଥାର ସୁଫଳ ପାଇବାକୁ ହୁଏତ ଅନେକ ବର୍ଷ ଲାଗିଯାଇପାରେ।

ଶେଷରେ କୁହାଯାଇପାରେ ଯେ କୌଣସି ଦେଶର ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶରେ ବ୍ୟାଙ୍କିଙ୍ଗ କ୍ଷେତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯଦି ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ତେବେ କେବଳ ଦେଶ ଦେବାଳିଆ ହେବନାହିଁ ବରଂ ଏହାର ପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ ପଡ଼ିବ। ଆମେରିକାର ଲେହମ୍ୟାନ ବ୍ରଦରସ୍ ଓ ମେରିଲ ଲିଞ୍ଚ ବ୍ୟାଙ୍କ ଭୁଶୁଡ଼ି ଯିବା ପରେ ବିଶ୍ୱ ଅର୍ଥନୀତିରେ ଯେଉଁ ମାନ୍ଦାବସ୍ଥା ସୃଷ୍ଟି ହୋଇଥିବାର ତାହାର ପ୍ରଭାବକୁ ଆଜି ମଧ ଅନେକ ଦେଶ ସମ୍ପୂର୍ଣ୍ଣ ଦୂର କରିବାରେ ସକ୍ଷମ ହୋଇପାରିନାହାନ୍ତି। ତେଣୁ ଭାରତ ସରକାର ମଝିରେ ମଝିରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକୁ ବିପୁଳ ପୁଞ୍ଜି ନିବେଶ ଯୋଗାଇ ଆସୁଛନ୍ତି, ଯାହା ସିଧାସଳଖ ଦେଶର ଜନସାଧାରଣ ଦେଉଥିବା ଟିକସରୁ ଭରଣା ହେଉଛି। ଅନ୍ୟ ଅର୍ଥରେ କହିଲେ ଏନ୍‌ପିଏ ବୃଦ୍ଧି ସହିତ ଅତ୍ୟାଧିକ ଧନୀ ଶିଳ୍ପପତିମାନେ ଉପକୃତ ହେଉଥିବାବେଳେ ଦେଶର ଜନସାଧାରଣ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ଏହାର ଦୀର୍ଘସ୍ଥାୟୀ ନିରାକରଣ ଦିଗରେ ସରକାର ତତ୍ପରତା ପ୍ରକାଶ କରିବା ଦରକାର। ଏନ୍‌ପିଏ ସମସ୍ୟାର ସମାଧାନ ପାଇଁ କେବଳ ବ୍ୟାଡ୍ ବ୍ୟାଙ୍କ ଗଠନ କିମ୍ବା ଅତିରିକ୍ତ ପୁଞ୍ଜି ସହାୟତା ଯଥେଷ୍ଟ ନୁହେଁ। ସମ୍ପୃକ୍ତ ବ୍ୟାଙ୍କ ଅଧିକାରୀମାନଙ୍କୁ ମଧ ଆଇନତଃ ଉତ୍ତରଦାୟୀ କରିବା ପାଇଁ କଠୋର ନିୟମ ପ୍ରଣୟନ ହେବା ଦରକାର।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,**
**ଦୂରଭାଷ : ୯୪୩୭୧୬୩୫୨୮**

ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# ଋତୁ ପରିବର୍ତ୍ତନର ସମସ୍ୟା

ଡାକ୍ତର ରାମ ପ୍ରସାଦ ରାୟ

**ଋତୁ ପରିବର୍ତ୍ତନ ହେଲେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଯାଏ । ସେସବୁ ସମସ୍ୟା ମଧ୍ୟରୁ ଥଣ୍ଡା, ଜ୍ୱର, କାଶ ଆଦି ସାଧାରଣ । ତେବେ କିଛି କିଛି ଲୋକଙ୍କ କ୍ଷେତ୍ରରେ ବ୍ରଙ୍କିଓଲାଇଟିସ, ଆଲର୍ଜି, ଶ୍ୱାସକଷ୍ଟ, ନିଉମୋନିଆ, ଭାଇରାଲ ଫିଭର ଭଳି ରୋଗ ମଧ୍ୟ ହୋଇଥାଏ । ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ ଏହି ସବୁ ସମସ୍ୟାଗୁଡ଼ିକ ଖୁବ୍ ଶୀଘ୍ର ଶରୀରକୁ ଆକ୍ରାନ୍ତ କରିଦିଅନ୍ତି ।**











**ବ୍ରଙ୍କିଓଲାଇଟିସ୍ :** ବ୍ରଙ୍କିଓଲାଇଟିସ୍ ଏକ ପ୍ରକାରର ଭାଇରାଲ ଡିଜିଜ୍ । ଏହି ସମସ୍ୟାରୁ ଶ୍ୱାସକଷ୍ଟ ଦେଖାଦିଏ । ବିଶେଷକରି ଛୋଟ ପିଲଙ୍କର ଥରେ ଶ୍ୱାସକଷ୍ଟ ଆରମ୍ଭ ହେଲେ ସେମାନେ ସ୍ୱାଭାବିକ ଭାବେ ନିଃଶ୍ୱାସ ପ୍ରଶ୍ୱାସ ନେଇ ପାରନ୍ତି ନାହିଁ । ଖାଦ୍ୟ ଗିଳିବା ବେଳେ କଷ୍ଟ ହୋଇଥାଏ । ସମସ୍ୟା ଅତି ଗୁରୁତର ହୋଇଗଲେ ଅକ୍ସିଜେନ ଦେବାକୁ ହୋଇଥାଏ । ନଚେତ୍ ନେବୁଲାଇଜେସନ୍ ପ୍ରକ୍ରିୟା ମାଧ୍ୟମରେ ଗଳା ଓ ଛାତିରୁ କଫ ବାହାର କରାଯାଏ ।

**ଆଲର୍ଜି ଓ ଆସ୍ଥମା :** ଯେଉଁମାନଙ୍କର ଆଲର୍ଜି ଓ ଆସ୍ଥମା ଭଳି ସମସ୍ୟା ପ୍ରଥମରୁ ଥାଏ ସେମାନେ ଋତୁ ପରିବର୍ତ୍ତନ ସମୟରେ ଖୁବ୍ କଷ୍ଟ ପାଆନ୍ତି । କିଛି କିଛି ଲୋକଙ୍କର ଏହି ସମୟରେ ଆକ୍ୟୁଟ୍ ଆସ୍ଥମାଟିକ୍ ଆଟାକ୍ ହୋଇଥାଏ । ହଠାତ୍ କାଶୁ କାଶୁ ଶ୍ୱାସକଷ୍ଟ ଆରମ୍ଭ ହୋଇଥାଏ । ଧଇଁସଇଁ ଲାଗେ । ଛାତି ପାଖରେ ସଁ ସଁ ଶବ୍ଦ ହୋଇଥାଏ । ସର୍ଦ୍ଦି ସାଙ୍ଗକୁ କ୍ରମାଗତ ଭାବେ ଛିଙ୍କ ହେବାରେ ଲାଗେ । ସହଜରେ ଶରୀରରୁ ଥଣ୍ଡା ଛାଡ଼େ ନାହିଁ । ପ୍ରାୟ ଏକ ମାସ ପର୍ଯ୍ୟନ୍ତ ଶ୍ୱାସକଷ୍ଟ ଲାଗିରହେ । ପରିବାରରେ ବୟସ୍କମାନଙ୍କର ଏଭଳି ସମସ୍ୟା ଥିଲେ ଛୋଟପିଲାମାନେ ମଧ୍ୟ ଏହି ସମସ୍ୟା ଭୋଗିବାର ଆଶଙ୍କା ଅଛି । ଏହି ସମସ୍ୟା ଥିଲେ ନାଜାଲ ସ୍ପ୍ରେ, ଇନ୍‌ହେଲର୍ ଆଦି ବ୍ୟବହାର କରିବାକୁ ହୋଇଥାଏ । ତେବେ ସବୁଠାରୁ ବଡ଼କଥା ହେଲା ଯେଉଁସବୁ ଜିନିଷରୁ ଆଲର୍ଜି ସୃଷ୍ଟି ହୁଏ, ସେ ସବୁ ଜିନିଷ ଠାରୁ ଦୂରରେ ରହିବା ଭଲ । ଏହି ସମସ୍ୟାର ଚିକିତ୍ସା ସ୍ୱରୂପ ଆଣ୍ଟିବାୟୋଟିକ୍ ଓ ଷ୍ଟେରଏଡ଼୍ ଦେବାକୁ ହୋଇଥାଏ । ଆସ୍ଥମାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ହେଲା ଇନ୍‌ହେଲର୍ ବ୍ୟବହାର କରିବାକୁ ଡାକ୍ତରମାନେ ପରାମର୍ଶ ଦିଅନ୍ତି । ଷ୍ଟେରଏଡ଼୍ ଇନ୍‌ହେଲର୍ ଓ ବ୍ରଙ୍କୋଡାଏଲେଟର୍ ଇନ୍‌ହେଲର ।

**ନିଉମୋନିଆ :** ଭାଇରାଲ ଇନ୍‌ଫେକସନ୍ ଏବଂ ବ୍ୟାକ୍ଟେରିଆ ସଂକ୍ରମଣରୁ ନିଉମୋନିଆ ସଂକ୍ରମଣ ହୁଏ । ନିଉମୋନିଆ ପାଇଁ ମୁଖ୍ୟତଃ ପାରାଇନ୍‌ଫ୍ଲୁଏନ୍‌ଜା ଏବଂ ଆଡ଼ିନୋ ଭାଇରସ୍ ଭଳି ଭୂତାଣୁ ଆଦି ଦାୟୀ । ଏହା ବ୍ୟତୀତ ନିଉମୋକ୍କାସ ବ୍ୟାକ୍ଟେରିଆ କାରଣରୁ ମଧ୍ୟ ନିଉମୋନିଆ ହୋଇଥାଏ । ନିଉମୋନିଆ ହେଲେ ନିଃଶ୍ୱାସ ନେବା ବେଳେ ନାକ ଫୁଲିଉଠେ । ମୁହଁ ଓ ଓଠର ଚାରିପାଖ ନୀଳ ପଡ଼ିଯିବା ସହିତ ଜ୍ୱର ଓ କମ୍ପ ଆସେ । ଛାତିରେ ଯନ୍ତ୍ରଣା ହୁଏ । ଅନେକ ସମୟରେ ଶୁଖିଲା କାଶ ମଧ୍ୟ ହୋଇଥାଏ । ଏହି ରୋଗରେ ନିୟମିତ ରକ୍ତପରୀକ୍ଷା ସାଙ୍ଗକୁ ଛାତିର ଏକ୍ସରେ କରିବା ମଧ୍ୟ ଦରକାର । ଡାକ୍ତରଙ୍କ ପରାମର୍ଶ ଅନୁସାରେ ଯେତେ ଶୀଘ୍ର ସମ୍ଭବ ଆଣ୍ଟିବାୟୋଟିକ୍ ଖାଇବା ଭଲ । ଆବଶ୍ୟକ ସ୍ଥଳେ ବାମ୍ଫ ନେବାକୁ ମଧ୍ୟ ଡାକ୍ତର ପରାମର୍ଶ ଦେଇଥାନ୍ତି ।

**ଭାଇରାଲ୍ ଫିଭର :** ଋତୁ ପରିବର୍ତ୍ତନ ସମୟରେ (ଭାଇରାଲ ଫିଭର) ପ୍ରାୟତଃ ଛୋଟ ପିଲାମାନଙ୍କ କ୍ଷେତ୍ରରେ ହୋଇଥାଏ । ଜ୍ୱର ହେବା ସାଙ୍ଗକୁ ମୁଣ୍ଡବିନ୍ଧା, ଛିଙ୍କ, କାଶ ଭଳି ଲକ୍ଷଣ ମଧ୍ୟ ଦେଖାଯାଏ । ଛୋଟ ପିଲାମାନଙ୍କର ହାତଗୋଡ ଘୋଳାବିନ୍ଧା ହେବା ସହିତ ତ୍ୱଚାରେ ର୍‌ୟାଶ୍ ମଧ୍ୟ ସୃଷ୍ଟି ହୋଇଥାଏ । ଖାଇବାକୁ ଇଚ୍ଛା ହୁଏ ନାହିଁ । ଏହା ସହିତ ବାନ୍ତି ମଧ୍ୟ ହୋଇଥାଏ । ଭାଇରାଲ ଫିଭର୍‌ର ଚିକିତ୍ସା ପାଇଁ ପାରାସିଟାମଲ୍ ଜାତୀୟ ଔଷଧ ପ୍ରେସ୍‌କ୍ରାଇବ କରାଯାଇଥାଏ । ୧୦୦ ଡିଗ୍ରୀରୁ ଅଧିକ ତାପମାତ୍ରା ରହିଲେ ପ୍ରତି ଚାରିଘଣ୍ଟାରେ ଥରେ ଔଷଧ ଦେବାକୁ ହୋଇଥାଏ । ଜ୍ୱର ଅଧିକ ବଢ଼ିଲେ ବା ଆଦୌ ନ କମିଲେ ନଖ ଉଷୁମ ପାଣିରେ ଶରୀର ପୋଛିଦେବେ । ଯେତେ ସମ୍ଭବ ଅଧିକ ତରଳ ଖାଦ୍ୟ ଖାଇବାକୁ ଦିଅନ୍ତୁ ।

**କ୍ୟାମ୍ପ ଆସିଷ୍ଟାଣ୍ଟ, ସେଣ୍ଟ୍ରାଲ ରେଡ଼କ୍ରସ ବ୍ଲଡ ସେଣ୍ଟର, କଟକ, ଦୂରଭାଷ :** ୮୨୬୦୪୦୮୮୩୬

ମହକ

# ଧର୍ମର ପ୍ରକୃତ ସ୍ୱଭାବ

ଡାକ୍ତର ଦିଲ୍ଲୀପ କୁମାର ମହାରଣା

ଗୋଟିଏ ଖରାପ କାମ କରି ଯେପରି ଉତ୍ତମ ଫଳ ଆଶା କରାଯାଇ ନପାରେ, ସେହିପରି ଗୋଟିଏ ଉତ୍ତମ କାମ କରି ମନ୍ଦଫଳ ପାଇବାର ଆଶଙ୍କା କରିବା ଉଚିତ ନୁହେଁ। ଲେମ୍ବୁ ମଞ୍ଜି ପୋତି ଆମ୍ବଗଛ ଆଶା କରିପାରିବ କି ? ସବୁ ଧର୍ମ ଓ ସବୁ ରୂପର ସମ୍ପର୍କ ପରମାତ୍ମାଙ୍କ ସହିତ। ମଣିଷ ଯେତେ ସବୁ ମୂର୍ତ୍ତିପୂଜା କରେ, ସମସ୍ତଙ୍କ ମଧ୍ୟରେ ପରମାତ୍ମା ବିରାଜିତ। ଏ ସମଗ୍ର ସଂସାର ଭିତରେ ବହୁ ପ୍ରକାରର ଜୀବ ଅଛନ୍ତି। ମାତ୍ର ଏ ସମସ୍ତଙ୍କ ମଧ୍ୟରେ ମନୁଷ୍ୟ ଶ୍ରେଷ୍ଠ। ଆହାର ଓ ବିହାର ସବୁ ପ୍ରାଣୀଙ୍କ ମଧ୍ୟରେ ସାଧାରଣ ଗୁଣ, ମାତ୍ର ମନୁଷ୍ୟ ଠାରେ ଦୁଇଟି ବିଶେଷ ଗୁଣ ଅଛି। ସେ ଦୁଇଟି କେଲା ଧର୍ମ ଓ ଜ୍ଞାନ। ଏ ଦୁଇଟି ବିନା ମଣିଷ ପଶୁ ସହ ସମାନ। ସେଥିପାଇଁ ମଣିଷର କର୍ତ୍ତବ୍ୟ ହେଲା ଧର୍ମ କ'ଣ ତାହା ବୁଝିବା। ସାମାଜିକ ଓ ଆଧ୍ୟାତ୍ମିକ ପ୍ରଗତି ନିମନ୍ତେ ଧର୍ମ ମନୁଷ୍ୟକୁ କିଛି ନିର୍ଦ୍ଦିଷ୍ଟ ଆଚରଣ ବିଧି ଶିଖାଏ, କିଛି ନିର୍ଦ୍ଦିଷ୍ଟ ବିଧି ନିଷେଧ ବଢ଼ାଏ। ଯେଉଁମାନେ ଧର୍ମର ଅନିଷ୍ଟ କରିବାକୁ ଚେଷ୍ଟା କରନ୍ତି, ଧର୍ମ ସେମାନଙ୍କର ଅନିଷ୍ଟ କରିବାକୁ ମଧ୍ୟ ସମର୍ଥ। ସେହିପରି ଯେଉଁମାନେ ଧର୍ମ ମାର୍ଗରେ ଜୀବନ କଟାନ୍ତି ଧର୍ମ ସେମାନଙ୍କର ରକ୍ଷା କରିବାକୁ ସମର୍ଥ। ଧର୍ମର ଆଉ ଗୋଟିଏ ମହତ ଗୁଣ ହେଲା, ଧର୍ମ ଯେଉଁଠି ବିଜୟ ସେଇଠି ଥାଏ। ଏ ଦେଶରେ ବହୁ ପଣ୍ଡିତ ବିଦ୍ୱାନ ଲୋକ ଧର୍ମ ଶବ୍ଦଟିର ଅନେକ ବ୍ୟାଖ୍ୟା କରିଛନ୍ତି। ଯୁଗ ଯୁଗ ଧରି ଏ ଦେଶ ଧର୍ମର ରଜ୍ଜୁ ଦ୍ୱାରା ଏପରି ବନ୍ଧା ହୋଇ ରହିଛି ଯେ, ଧର୍ମ ସମ୍ବନ୍ଧରେ ଏ ଦେଶ ଅନ୍ୟ ସବୁ ଦେଶର ଆଦର୍ଶ ଭାବରେ ଠିଆ ହୋଇ ରହିଛି। ବହୁ ଅର୍ଥ ଯୁକ୍ତ ଏହି ଶବ୍ଦଟିକୁ ଆଜିକାଲି କେବଳ ଗୋଟିଏ ଶବ୍ଦରେ ବର୍ଣ୍ଣନା କରାଯାଉଛି ତାହା ହେଲା କର୍ତ୍ତବ୍ୟ। ମାତ୍ର ଧର୍ମ ଅର୍ଥ କର୍ତ୍ତବ୍ୟ ନୁହେଁ। କର୍ତ୍ତବ୍ୟ ଜଣେ ବ୍ୟକ୍ତି ଗୋଟିଏ ଅବସ୍ଥା, ଗୋଟିଏ ଦେଶ ବା କାଳ ସହିତ ସଂପୃକ୍ତ। ମାତ୍ର ଧର୍ମ ଅନାଦି, ଅନନ୍ତ, ଏହାସବୁ ପ୍ରାଣୀଙ୍କ ପାଇଁ ସର୍ବତ୍ର ସମାନ। ଏହା ଅନ୍ତରାତ୍ମାର ତାତ୍ପର୍ଯ୍ୟ ବହନ କରେ। ଧର୍ମର ଜନ୍ମସ୍ଥାନ ହୃଦୟ। ହୃଦୟରୁ ନିର୍ଗତ ନିର୍ମଳ ଭାବନାଟିଏ କର୍ମରେ ରୂପାନ୍ତରିତ ହେଲେ ତାହା ଧର୍ମର ନାମ ବହନ କରେ। ତୁମ୍ଭେମାନେ ବୁଝିଲା ଭଳି କହିଲେ, ଧର୍ମ ହେଲା, ଅନ୍ୟମାନଙ୍କ ଠାରୁ ତୁମେ ଯେପରି ବ୍ୟବହାର ଆଶା କରୁଛ, ସେମାନଙ୍କୁ ସେହିପରି ବ୍ୟବହାର ଦେଖାଅ। ଅନ୍ୟମାନଙ୍କୁ କଷ୍ଟ ହେଲାଭଳି କର୍ମ ନକରିବା ହିଁ ଧର୍ମ। ଅନ୍ୟ କିଏ ତୁମ ସୁଖ ଦେଲେ ତୁମେ ମଧ୍ୟ ଏପରି କର୍ମ କରିବା ଉଚିତ ଯାହା ତାକୁ ସୁଖ ପ୍ରଦାନ କରିବ। ଅନ୍ୟମାନେ ତୁମର ଦୁଃଖ କଷ୍ଟର କାରଣ ହେଲେ ତୁମେ ବି ସେମାନଙ୍କ ଦୁଃଖ-କଷ୍ଟର କାରଣ ହେବା ଅଧର୍ମ।





ବେଳେ ବେଳେ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଦୁଷ୍କର୍ମ କରୁଥିବା ଲୋକଙ୍କୁ କଠୋର ଭାବରେ ତିରସ୍କାର କରିବାକୁ ପଡ଼େ ତାର ସଂସ୍କାର ନିମନ୍ତେ। ବେଳେବେଳେ ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଛୁରୀ ବ୍ୟବହାର କରୁଥିବା ଲୋକ ଅତ୍ୟନ୍ତ କ୍ରୁର ଏବଂ ଅଧର୍ମୀ ବୋଲି କୁହାଯାଇ ପାରିବ ନାହିଁ। ଜଣେ ସର୍ଜ୍ଜନ ହୃଦରୋଗୀକୁ ଆରୋଗ୍ୟ କରିବା ଉଦ୍ଦେଶ୍ୟରେ ଛୁରୀ ବ୍ୟବହାର କରିଥାଏ। ଏହା କ୍ରୁରତାର ଚିହ୍ନ, ନା ମିତ୍ରତାର ଚିହ୍ନ ? କିଛି ଅସତ୍ୟ କାମ କଲେ ତାହା ଅଧର୍ମ ହେବ, ମାତ୍ର ଯାହା ପ୍ରେମର ସହ କରାଯାଏ ତାହା ଅଧର୍ମ ନୁହେଁ। ସମଗ୍ର ଆଇନ ବ୍ୟବସ୍ଥା, ନୀତି ବ୍ୟବସ୍ଥା ପ୍ରେମ ଉପରେ ଆଧାରିତ। ଉଦାହରଣ ସ୍ୱରୂପ ପିଲାଟିଏ ଯଦି ଦୁଷ୍କର୍ମ କରେ, ଆଉ ତାର ମାଆ ସେଥିପାଇଁ ତାକୁ ପିଟେ, ଏହାକୁ କଣ କ୍ରୁରତା ଓ ଅଧର୍ମ କହିବ ? ଧର୍ମ ଅନେକ ପ୍ରକାରର। କାଳଧର୍ମ, ସଂସାର ଧର୍ମ, ହୃଦୟ ଧର୍ମ, ଗୋଷ୍ଠୀଧର୍ମ, ଆଦି ନାନା ରକମର ଧର୍ମ ଅଛି। ଏସବୁ ଧର୍ମର ସମାହାର ହେଉଛି ସନାତନ ଧର୍ମ। ଏହି ଦୃଷ୍ଟିରୁ କହିବା ସମ୍ଭବ ଯେ ସବୁ ଧର୍ମ ଓ ସବୁ ରୂପ ପରମେଶ୍ୱରଙ୍କର। କୌଣସି ଧର୍ମ ତୁମକୁ ପିତାମାତାଙ୍କୁ ଅଶ୍ରଦ୍ଧା କରିବା, ଶିକ୍ଷକଙ୍କର ଅସମ୍ମାନ କରିବା ଶିଖାଏ ନାହିଁ। କୌଣସି ଧର୍ମ ମଣିଷକୁ ମିଛ କହିବା ଶିଖାଏ ନାହିଁ। ସବୁ ଧର୍ମ ମଧ୍ୟରେ ସମାନ କିଛି ସାଧାରଣ ଉପଦେଶ ରହିଛି, ଯାହା ସମସ୍ତଙ୍କ ପାଇଁ ଭଲ। କିନ୍ତୁ ବର୍ତ୍ତମାନ ଏହି ସାଧାରଣ ସତ୍ୟକୁ ଲୋକେ ଉପେକ୍ଷା କରି କୌଣସି ଧର୍ମରେ ନଥିବା ନୀତି ପ୍ରତି ଆକୃଷ୍ଟ ହେଉଛନ୍ତି। ସେଥିପାଇଁ ଅଧର୍ମର ପ୍ରାଦୁର୍ଭାବ ଏତେ ବଢ଼ିଯାଇଛି। ଯଦି ଆପଣା ଧର୍ମରେ ଦୃଢ଼ ବିଶ୍ୱାସ ରଖି ଲୋକେ ଆପଣା ଧର୍ମ ପାଳନ କରିବାରେ ମନ ଦିଅନ୍ତେ। ତେବେ ଏତେ ବାଦ ବିସମ୍ବାଦ ଜାତ ହୁଅନ୍ତା ନାହିଁ, କିମ୍ବା ଲୋକେ ଏପରି ଅସଭ୍ୟ ଆଚରଣ ଦେଖାନ୍ତେ ନାହିଁ। ଆପଣା ଧର୍ମରେ ବିଶ୍ୱାସ ଅଛି ବୋଲି ଚିତ୍କାର କରି ଯଦି ତୁମେ ଧର୍ମ ବିରୁଦ୍ଧ ଆଚରଣ କରିବ ତେବେ ଅନ୍ୟାନ୍ୟ ଧର୍ମରେ ତୁମର କି ବିଶ୍ୱାସ ରହିବ ତାହା ବୁଜିବାକୁ ଆଉ ବାକି ରହିବ ନାହିଁ। ଧର୍ମରେ ଯଦି ପ୍ରକୃତ ବିଶ୍ୱାସ ଅଛି, ତେବେ ଧର୍ମ ବିରୁଦ୍ଧ ଆଚରଣ କରିବ କିପରି ? ମୁହଁର କଥା ଓ ଆଚରଣ ମଧ୍ୟରେ ବିରୋଧ ରହିବା ଅର୍ଥ ଧର୍ମକୁ କେବଳ ଗୋଟାଏ ଗୋପାଳ ବୋଲି ଯାହାସବୁ କହନ୍ତି ସେ ସବୁ କେବଳ ମୁହଁର କଥା, ହୃଦୟ ଭିତରେ ଏଥିରୁ ଏତେ ଟିକେ ବି ନାହିଁ। ତୀର୍ଥକ୍ଷେତ୍ରକୁ ଗଲେ ମନ୍ଦିର ବା ଉପାସନା କ୍ଷେତ୍ରକୁ ଗଲେ ଲୋକେ ଯେତେ ଭକ୍ତି ଓ ବିଶ୍ୱାସ ଦେଖାନ୍ତି ସେ ସବୁ ସେଠାରୁ ଫେରି ଆସିଲାବେଳେ ସେଠାରେ ହିଁ ଛାଡ଼ି ଦେଇ ଆସନ୍ତି। ଏମାନଙ୍କ ପାଇଁ ଗୀତାରେ ଗୋଟିଏ ଉପଦେଶ ଅଛି ସତତଂ ଯୋଗିନଃ ଅର୍ଥାତ୍ ନିରନ୍ତର ଯୋଗସ୍ଥ ହୋଇ ରହ, ଭକ୍ତର ଭକ୍ତି ସତତ ରହୁ। ପୂଜା, ଜପ କଲାବେଳେ କେବଳ ଭକ୍ତି, ଅନ୍ୟ ସମୟରେ ସେ ସବୁ କିଛି ନାହିଁ। ସଦଗୁଣ ଓ ସଦାଚାର କେବଳ ଗୋଟିଏ ସମୟ ବା ସ୍ଥାନ ସହିତ ବନ୍ଧା ହୋଇ ରହିବା ଉଚିତ ନୁହେଁ, ଏହା ସାରା ଜୀବନରେ ନିରନ୍ତର ଅଭ୍ୟାସ କରିବା ଉଚିତ।

**ଶିଖରପୁର ଉପରସାହି,**
**କଟକ,**
**ଦୂରଭାଷ : ୮୨୮୦୯୬୩୨୮୩**


## ଏହି ସପ୍ତାହ, ସେହି ବର୍ଷ (ଜାନୁଆରୀ ୧୫-୨୧)

### ଏଇ ସପ୍ତାହ

ଫେବୃଆରୀ ୧୫, ୧୯୦୬- ବ୍ରିଟେନ୍‌ରେ ଲେବର୍ ପାର୍ଟିର ସ୍ଥାପନା ହୋଇଥିଲା।




ଫେବୃଆରୀ ୧୬, ୧୯୮୭-ପଣ୍ଡୁବୀରୁ ପଣ୍ଡୁବୀ ଉପରେ ମାଡ଼ କରିବାର କ୍ଷମତା ଥିବା ମିଶାଇଲ୍‌କୁ ଭାରତୀୟ ନୌସେନାରେ ସାମିଲ କରାଯାଇଥିଲା।




ଫେବୃଆରୀ ୧୭, ୧୯୩୩- ଆମେରିକାର ସାପ୍ତାହିକ ପତ୍ରିକା 'ନ୍ୟୁଜ୍‌ୱିକ୍' ପ୍ରକାଶିତ ହୋଇଥିଲା।




ଫେବୃଆରୀ ୧୮, ୧୯୮୯-ଆଫଗାନ୍ ସରକାର ଇମରଜେନ୍ସିର ଘୋଷଣା କରିଥିଲେ।




ଫେବୃଆରୀ ୧୯, ୧୯୮୬-ଦେଶରେ ପ୍ରଥମ ଥର କମ୍ପ୍ୟୁଟରୀକୃତ ରେଳ ଆରକ୍ଷଣ ଟିକେଟ୍‌ର ଆରମ୍ଭ ହୋଇଥିଲା।



ଫେବୃଆରୀ ୨୦, ୧୯୬୨-ଜନ୍ ଏର୍ ଗ୍ଲେନ୍ ଆମେରିକାର ପ୍ରଥମ ଅନ୍ତରୀକ୍ଷ ଯାତ୍ରୀ ହେବାର ଗୌରବ ପ୍ରାପ୍ତ କରିଥିଲେ।



ଫେବୃଆରୀ ୨୧, ୧୯୯୨-ଚୀନ୍, ସଂଘାଇ ସେୟାର୍ ବଜାରରେ ବିଦେଶୀମାନଙ୍କୁ କାମକାର୍ଯ୍ୟ କରିବା ପାଇଁ ଅନୁମତି ଦେଇଥିଲା।



# ଏମ୍‌ଏସ୍‌ଏମ୍‌ଇ ଓ ନିଯୁକ୍ତି

ମନସିଜ ଦାସ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲଗାଇଥିବା ଶୁଳ୍କ, ଅସ୍ଥିର ସୁନା, ରୂପା ମୂଲ୍ୟ, ମୁଦ୍ରା ଓ ଷ୍ଟକ ବଜାରକୁ ନେଇ ଲାଗି ରହିଥିବା ଅସ୍ଥିରତା ମଧ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏକ ସଂସ୍କାରଧର୍ମୀ ବଜେଟ ଉପସ୍ଥାପନ କରିଛନ୍ତି। ଚିରାଚରିତ ଭାବେ ଲୋକଙ୍କ ଖୁସି କରିବା ପାଇଁ ଲୋଭନୀୟ ଘୋଷଣା କରିବା ପରିବର୍ତ୍ତେ ଅର୍ଥନୀତିକୁ ବଳ ଦେବା ଲାଗି ବଜେଟ୍ ୨୦୨୬-୨୭ରେ ପ୍ରୟାସ କରାଯାଇଛି। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ମୁଳଦୁଆ ପଡ଼ିଛି। ଆର୍ଥିକ ସଂସ୍କାରକୁ ଆଗକୁ ବଢ଼ାଇବା, ପ୍ରତିଟି ନାଗରିକଙ୍କୁ ବିକାଶିତ ଭାରତ ଗଠନର ସଂକଳ୍ପ ନେଇ ୫୩,୪.୩୧୫ କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରାଯାଇଛି। ବୈଶ୍ୱିକ ଅନିଶ୍ଚିତତା, ଭୂରାଜନୈତିକ ଉତ୍ତେଜନା, ମୁଦ୍ରାସ୍ଫୀତି ଓ ବାଣିଜ୍ୟ ଚାପ ମଧ୍ୟରେ ପ୍ରସ୍ତୁତ ଏହି ବଜେଟ୍ ଭାରତୀୟ ଅର୍ଥନୀତିକୁ ସୁଦୃଢ଼ କରିବା, ଅଭିବୃଦ୍ଧିକୁ ଅବ୍ୟାହତ ରଖିବା ଓ ସାମାଜିକ ଅନ୍ତର୍ଭୁକ୍ତିକରଣକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଅଣାଯାଇଛି। ସରକାରଙ୍କ ସଂକଳ୍ପ ହେଲା ଗରିବ ଓ ଅବହେଳିତ ବର୍ଗର ଲୋକଙ୍କୁ ଧ୍ୟାନ ରଖି କାର୍ଯ୍ୟ କରିବା। ଏହି ସଂକଳ୍ପକୁ କାର୍ଯ୍ୟକାରୀ କରିବା ଏବଂ ପ୍ରଥମଥର ପାଇଁ କର୍ତ୍ତବ୍ୟ ଭବନରେ ବଜେଟ ପ୍ରସ୍ତୁତ ହୋଇଥିବାରୁ ତିନିଟି କର୍ତ୍ତବ୍ୟ ଦ୍ୱାରା ବଜେଟ୍ ଅନୁପ୍ରାଣୀତ ହୋଇଛି। ପ୍ରଥମ କର୍ତ୍ତବ୍ୟ ହେଲା ଅର୍ଥନୀତି ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହିତ ତାହାକୁ ବଜାୟ ରଖିବା। ଉତ୍ପାଦକତା ଓ ପ୍ରତିଯୋଗିତା କ୍ଷମତା ବଢ଼ାଇବା ସହିତ ବିଶ୍ୱର ଅସ୍ଥିର ସ୍ଥିତି ପରିପ୍ରେକ୍ଷୀରେ ଅର୍ଥନୀତିକୁ ଦୃଢ଼ କରିବା। ସେହିଭଳି ଦ୍ୱିତୀୟ କର୍ତ୍ତବ୍ୟ ହେଲା ଲୋକଙ୍କ ଆକାଂକ୍ଷା ପୂରଣ କରିବା ଏବଂ ସେମାନଙ୍କ ଦକ୍ଷତା ବଢ଼ାଇବା। ତୃତୀୟ କର୍ତ୍ତବ୍ୟ ସରକାରଙ୍କ ସବ୍‌କା ସାଥ, ସବ୍‌କା ବିକାଶ ଲକ୍ଷ୍ୟ ସହ ଜଡ଼ିତ। ଦେଶର ପ୍ରତ୍ୟେକ ପରିବାର, ସମୁଦାୟ ଅଞ୍ଚଳ ଓ କ୍ଷେତ୍ର ଯେଭଳି ସମ୍ବଳ, ସୁବିଧା ଓ ସୁଯୋଗ ଗୁଡ଼ିକୁ ପାଇବେ ତାହାକୁ ଏଥିରେ ପ୍ରାଧାନ୍ୟ ଦିଆଯାଇଛି। ଏହି ତିନି କର୍ତ୍ତବ୍ୟର ଲକ୍ଷ୍ୟ ହାସଲ ପାଇଁ ଏକ ଭଲ ପରିବେଶ ଆବଶ୍ୟକ। ପ୍ରଥମ ଆବଶ୍ୟକତା ହେଉଛି ଢ଼ାଞ୍ଚାଗତ ସଂସ୍କାରର ଗତିକୁ ବଜାୟ ରଖିବା। ଦ୍ୱିତୀୟ ହେଉଛି ଏକ ବଳିଷ୍ଠ ଓ ଦୃଢ଼ ଆର୍ଥିକ କ୍ଷେତ୍ରର ବିକାଶ କରିବା ଏବଂ ତୃତୀୟ ହେଉଛି ଏଆଇ ପ୍ରୟୋଗ ସମେତ ଅତ୍ୟାଧୁନିକ ପ୍ରଯୁକ୍ତିର ବ୍ୟବହାର। ସରକାର ଅତୀତରେ ଅନେକ ସଂସ୍କାର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି।

> **ଗାଁରୁ ସହରକୁ ପ୍ରବାସ ଆଜି ଓଡ଼ିଶାର ଅର୍ଥନୀତି ଓ ସମାଜ ଜୀବନର ଏକ ବଡ଼ ସତ୍ୟ।**

ଗାଁରୁ ସହରକୁ ପ୍ରବାସ ଆଜି ଓଡ଼ିଶାର ଅର୍ଥନୀତି ଓ ସମାଜ ଜୀବନର ଏକ ବଡ଼ ସତ୍ୟ। ପ୍ରତିବର୍ଷ ନିୟମିତ ଧାରାରେ ହଜାର ହଜାର ଯୁବକ ଯୁବତୀ ଭଲ ଆୟର ଆଶାରେ ଘରଦ୍ୱାର ଛାଡ଼ି ସୁରତ୍, ହାଇଦ୍ରାବାଦ, ଚେନ୍ନାଇ, ବେଙ୍ଗାଲୁରୁ କିମ୍ବା ଭାରତର ଅନ୍ୟ ବଡ଼ ବଡ଼ ସହରକୁ ଦାଦନ ପାଇଁ ଯାଇଥାନ୍ତି। ଏହି ପ୍ରବାସ କେବଳ ଚାକିରୀ କ୍ଷେତ୍ରରେ ନୁହେଁ ଏହା ପଛରେ ଆଉ ଏକ ବଡ଼ କାରଣ ମଧ୍ୟ ରହିଛି। ବଡ଼ କାରଣଟି ହେଉଛି ଏହି ଦାଦନ ଦୁଃଖ ସହିତ ଯୌଥ ପରିବାରର ବନ୍ଧନୀ ଭାଙ୍ଗିବା ସହ ବୃଦ୍ଧ ନିର୍ଭରଶୀଳ ପିତାମାତାଙ୍କ ଏକାକୀପଣ ଓ ଗାଁର ଶୂନ୍ୟତା। ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଆମ ଯୁବବର୍ଗମାନେ ଘର ପାଖରେ ରୋଜଗାର ପାଇଲେ ସେମାନେ ବାହାରକୁ ଯିବା ପାଇଁ କାହିଁକି ଇଛା କରନ୍ତି। ଏହିପରି କ୍ଷେତ୍ରରେ ଆମେ ଆଲୋଚନା କରୁଥିବା ଏମ୍‌ଏସ୍‌ଏମ୍‌ଇ - ସୂକ୍ଷ୍ମ, ଛୋଟ ଓ ମଧ୍ୟମ ଉଦ୍ୟୋଗ ଯାହାକି ଏକ ନୂଆ ଆଶାର ଆଲୋକ ଓ ସମ୍ଭାବନା ଦେଖାଇଛି।

ଓଡ଼ିଶାରେ ଦାଦନ ବା ପ୍ରବାସର ପ୍ରମୁଖ କାରଣଟି ହେଉଛି, ଏହା ସମସ୍ତେ ଜାଣନ୍ତି ଆମ ଓଡ଼ିଶାର ଗ୍ରାମୀଣ ଅର୍ଥନୀତି ମୁଖ୍ୟତଃ ଚାଷବାସ ଉପରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ନିର୍ଭରଶୀଳ। କିନ୍ତୁ ଚାଷବାସ କାମ ଋତୁ ଆଧାରିତ ହୋଇଥିବାରୁ ଏଥିରେ ଲାଭ କମ ଏବଂ ଆୟ ମଧ୍ୟ ଅନିଶ୍ଚିତ ରହିଥାଏ। ଦରଦାମ ଓ ପ୍ରାକୃତିକ ବିପର୍ଯ୍ୟୟ, ଉନ୍ନତ ବଜାର ନମିଳିବାରୁ ଏହିପରି ଅନେକ ସମସ୍ୟା ପ୍ରାୟତଃ ରହିଥାଏ। ଏହାସହିତ ଭାରତର ଛୋଟ ଛୋଟ ସହରରେ ଶିଳ୍ପ ଓ ବ୍ୟବସାୟ ସୁଯୋଗର ଯେଉଁ ବ୍ୟାପକ ଅଭାବ ରହୁଛି ଏହା ଯୁବପିଢ଼ିଙ୍କୁ ବାଧ୍ୟ କରୁଛି ବାହାରକୁ ଯିବା ପାଇଁ। ଯାହାଦ୍ୱାରା ଗାଁରେ ଦକ୍ଷ ଶ୍ରମଶକ୍ତି କମୁଛି ଏବଂ ସ୍ଥାନୀୟ ଅର୍ଥନୀତି ଦୁର୍ବଳ ହେବାସହ ସହରରେ କିନ୍ତୁ ଅତ୍ୟଧିକ ଚାପ ବଢ଼ିଯାଉଛି ଯାହାର ଫଳସ୍ୱରୂପ ରାଜ୍ୟର ପ୍ରଗତିରେ ଏହା ବଡ଼ ବାଧକ ମଧ୍ୟ ସାଜୁଛି।

ଆମ ଆଲୋଚନାରେ ଏମ୍‌ଏସ୍‌ଏମ୍‌ଇ କାହିଁକି ଏକ ବ୍ୟବହାରିକ ସମାଧାନ ? ଏହାର ସହଜ, ସରଳ ଓ ସ୍ୱଷ୍ଟ ଉତ୍ତର ହେଉଛି ବଡ଼ କାରଖାନା କିମ୍ବା ମେଗା ଇଣ୍ଡଷ୍ଟ୍ରି ସବୁଠାରୁ ସ୍ଥାପିତ କରିବା ସମ୍ଭବ ହୋଇନଥାଏ। କିନ୍ତୁ ଏମ୍‌ଏସ୍‌ଏମ୍‌ଇ ବ୍ୟବସ୍ଥାରେ କମ ପୁଞ୍ଜିରେ ଗାଁ ଓ ଛୋଟ ସହରରେ ଏକ ଉଦ୍ୟୋଗ ଗଢ଼ା ଯାଇପାରେ। ଏହାର ବଡ଼ ଲାଭାର୍ଥୀ ହେଉଛନ୍ତି ସ୍ଥାନୀୟ ଜନସାଧାରଣ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ ବ୍ୟାପକ କର୍ମସଂସ୍ଥାନ ସୃଷ୍ଟି ହୋଇଥାଏ ଯେଉଁଥିରେ ମହିଳା ଓ ଯୁବବର୍ଗ ଅଧିକରୁ ଅଧିକ ସାମିଲ ହୋଇଥାନ୍ତି। ଛୋଟ ପୁଞ୍ଜିରେ ବଡ଼ ପ୍ରଭାବ ଗ୍ରାମ୍ୟ ଅର୍ଥନୀତିର ବେଗକୁ ଆହୁରି ତ୍ୱରାନ୍ୱିତ କରିଥାଏ। ସବୁଠାରୁ ବଡ଼ କଥା ହେଉଛି ହସ୍ତ ଶିଳ୍ପ ଠାରୁ ମାଛଚାଷ, ହ୍ୟାଣ୍ଡଲୁମ ଠାରୁ ଖାଦ୍ୟ ପ୍ରସ୍ତୁତି, ଦୁଗ୍ଧ ବ୍ୟବସାୟ ଠାରୁ ସର୍ଭିସ ସେକ୍ଟର ସବୁ କ୍ଷେତ୍ରରେ ଏମ୍‌ଏସ୍‌ଏମ୍‌ଇର ଭରପୁର ସମ୍ଭାବନା ରହିଛି।

ନୂତନ କେନ୍ଦ୍ରୀୟ ବଜେଟ୍‌ରେ ଏକ ସକାରାତ୍ମକ ସଂକେତ ରହିଛି। ଏଥରକ ବଜେଟ୍‌ରେ ଗୁରୁତ୍ୱପୂର୍ଣ୍ଣ ଭାବେ ଦଶହଜାର କୋଟିର ଏମ୍‌ଏସ୍‌ଏମ୍‌ଇ ବୃଦ୍ଧି ବ୍ୟବସ୍ଥା ହୋଇଛି ଯାହାକି ଛୋଟ ଛୋଟ ଉଦ୍ୟୋଗକୁ ବଡ଼ ପ୍ରୋତ୍ସାହନ ଯୋଗାଇବ ଏହା ସହିତ ସହଜ ଋଣ ଓ କାର୍ଯ୍ୟ ପୁଞ୍ଜି ଉପଲବ୍ଧତା ହେବାସହ ସରକାରୀ ସଂସ୍ଥା ମାନଙ୍କ ପକ୍ଷରୁ ଶୀଘ୍ର ପେମେଣ୍ଟ ବ୍ୟବସ୍ଥା ରହିଛି। ଅର୍ଥନୈତିକ ବିକାଶ ଓ ନିଯୁକ୍ତି ସୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଥିବା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକୁ ଦକ୍ଷ କରିବା ଲାଗି ବଜେଟ୍‌ରେ ପଦକ୍ଷେପ ଘୋଷଣା କରାଯାଇଛି। ଏଥିପାଇଁ ତିନି ସୂତ୍ରୀ ଯୋଜନା ପ୍ରସ୍ତୁତ ହୋଇଛି। ତାହା ହେଉଛି ଇକ୍ୱିଟି ସହାୟତା, ନଗଦ ରାଶି ସହାୟତା ଓ ପେସାଦାର ସହାୟତା। ଇକ୍ୱିଟି ସହାୟତାରେ ୧୦,୦୦୦ କୋଟି ଟଙ୍କାର ଉତ୍ସର୍ଗୀକୃତ ଏସଏମଇ ଗ୍ରୋଥ ଫଣ୍ଡ ଗଠନ କରାଯିବ। ଆତ୍ମନିର୍ଭର ଭାରତ ପାଣ୍ଠିକୁ ୨୦୦୦ କୋଟି ଟଙ୍କା ଦିଆଯିବ। ଦେଶର ତୃତୀୟ ଓ ତୃତୀୟ ଶ୍ରେଣୀ ସହରଗୁଡ଼ିକରେ ଥିବା ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକୁ ନିୟମ ପାଳନରେ ସହଯୋଗ କରିବା ଲାଗି ପେସାଦାର ଅନୁଷ୍ଠାନଗୁଡ଼ିକ ସହଯୋଗରେ 'କର୍ପୋରେଟ ମିତ୍ର' ବିକାଶ କରାଯିବ। କେନ୍ଦ୍ରୀୟ ପିଏସ୍‌ୟୁ ଗୁଡ଼ିକ ଏମ୍‌ଏସ୍‌ଏମ୍‌ଇ ସହ କରୁଥିବା ସବୁ କାରବାର ଟିଆର୍‌ଇଡିଏସ୍ ଜରିଆରେ ହେବ। ବିଆର୍‌ଇଡିଏସ୍‌ରେ ଇନଭଏସ୍ ରିହାତି ପାଇଁ ଏକ କ୍ରେଡିଟ୍ ଗ୍ୟାରେଣ୍ଟି ସହାୟତା ବ୍ୟବସ୍ଥା ଆରମ୍ଭ କରାଯିବ। ସୁଲଭ ଓ ଶୀଘ୍ର ଫାଇନାନ୍ସ ସୁବିଧା ପାଇଁ ଜିଇଏମ୍ ଓ ଟିଆରଇଡିଏସକୁ ମିଶାଇ ଦିଆଯିବ।

ନିୟମିତ ଦକ୍ଷତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନିଶ୍ଚିନ୍ତ ଭାବେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀ ମାନଙ୍କୁ କେବଳ ଆର୍ଥିକ ଭାବେ ସୁଦୃଢ଼ କରିବ ନାହିଁ ବରଂ ନୂତନ ନିଯୁକ୍ତି ସୃଷ୍ଟି କରିବ। ଓଡ଼ିଶା ପାଇଁ ବିଶେଷକରି ଏଥି ନିମିତ୍ତ ବଡ଼ ସୁଯୋଗ ସୃଷ୍ଟି ହୋଇଛି। ମିଶନ ଶକ୍ତି ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ସ୍ୱତନ୍ତ୍ର ପାଣ୍ଠି ସହ ସମ୍ବଲପୁର, ବରଗଡ଼ର ହ୍ୟାଣ୍ଡଲୁମ, କୋରାପୁଟ



କନ୍ଧମାଳର ଖାଦ୍ୟ ପ୍ରସ୍ତୁତି ଓ ଛୋଟ କ୍ଷୁଦ୍ର ବ୍ୟବସାୟ ନିମିତ୍ତ ସରକାର ଏହି କ୍ଲଷ୍ଟର ଗୁଡ଼ିକୁ ଆର୍ଥିକ ସହାୟତାର ବ୍ୟବସ୍ଥା ରଖିବା ସହ ବଜାର ଯୋଗାଯୋଗ ଓ ଢ଼ାଞ୍ଚାଗତ ସୁବିଧା ବ୍ୟବସ୍ଥା ରଖିଛନ୍ତି। ଏହି ଉଦ୍ୟମ ନିଶ୍ଚିନ୍ତ ଭାବରେ ଅନେକ କର୍ମ ସଂସ୍ଥାନ ସୃଷ୍ଟି କରିବ। ତେବେ କାଗଜ କଲମରେ ଯୋଜନାରେ ସୀମିତ ନରହି ତୃଣମୂଳ ସ୍ତରରୁ ଏଥିନିମିତ୍ତ ବ୍ୟାପକ ଓ ଦୂରଦୃଷ୍ଟି ସମ୍ପନ୍ନ ଉଦ୍ୟମ ଦରକାର। ଏମ୍‌ଏସ୍‌ଏମ୍‌ଇ ନିମିତ୍ତ ସହଜ ଋଣ, ଦୁର୍ନୀତିମୁକ୍ତ ପ୍ରକ୍ରିୟା, ଦକ୍ଷତା ଉନ୍ନୟନ ଓ ବଜାର ସୁଯୋଗ ଏସବୁ ନିଶ୍ଚିନ୍ତ ହେବା ଜରୁରୀ। ଯଦି ଆମେ ଗାଁରେ ରୋଜଗାର ସୃଷ୍ଟି କରିପାରୁ ତେବେ ଯୁବ ବର୍ଗମାନେ ଦାଦନ ମୁହାଁ ହେବେ ନାହିଁ। ପ୍ରବାସ ନୁହେଁ ସ୍ଥାନୀୟ ଉନ୍ନତିକୁ ନୀତିର କେନ୍ଦ୍ର ବିନ୍ଦୁ କରିବା ଜରୁରୀ। ଏମଏସଏମଇ ଅର୍ଥାତ ଅଣୁକ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ନିଶ୍ଚିନ୍ତ ଭାବେ ଦେଶର ଉଜ୍ଜ୍ୱଳ ଅର୍ଥନୀତି ଭବିଷ୍ୟତ ଗଠନ ନିମନ୍ତେ ମୂଳଦୁଆକୁ ଦୃଢ଼ କରିବା ସହ ଏହା ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ ନିମନ୍ତେ ଉଚ୍ଚତର ଏବଂ ଦ୍ରୁତତର ଉଡ଼ାଣ ଏଥିପାଇଁ ସମୟ, ସାଧନ ଓ ଶ୍ରମର ପର୍ଯ୍ୟାପ୍ତ ଆବଶ୍ୟକତା ରହିଛି। ଖୁସିର କଥା ସରକାରୀ ଭାବେ ଏହି କ୍ଷେତ୍ର ନିମିତ୍ତ କେବଳ ସୁଚିନ୍ତିତ ଯୋଜନାମାନ ପ୍ରସ୍ତୁତ କରାଯାଇ ନାହିଁ ବରଂ ନିର୍ଣ୍ଣାୟକ ନେତୃତ୍ୱ ସହିତ ଆଗାମୀ ଦିନରେ ଯୁବ ବର୍ଗ ଏଥିରୁ କିପରି ଅଧିକ ସୁବିଧା ପାଇପାରିବେ ଏବଂ ଗ୍ରାମୀଣ ଅର୍ଥନୀତି କିପରି ବେଗବାନ ହୋଇପାରିବ ଏହା ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

**ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ, ଗୁରୁଗ୍ରାମ, ହରିୟାନା**

# ଓଡ଼ିଶାକୁ ପଦ୍ମ ସମ୍ମାନ : ସ୍ୱୀକୃତିରେ ଅନାଲୋଚିତ ନାୟକ

ଡ଼ଃ.ଅରୁନ୍ଧତୀ ଦେବୀ

ଭାରତର ଗଣତନ୍ତ୍ର ଦିବସ ଅବସରରେ କେନ୍ଦ୍ର ସରକାରଙ୍କ ଠାରୁ ସବୁଠାରୁ ସମ୍ମାନଜନକ ସମ୍ମାନ ପଦ୍ମ ପୁରସ୍କାର ପ୍ରଦାନ କରାଯାଇଥାଏ। କହିବାକୁଗଲେ ଅନାଲୋଚିତ ଅସାଧାରଣ ପ୍ରତିଭା ମାନଙ୍କୁ ଏହା ଜାତୀୟ ସ୍ୱୀକୃତି କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶାରୁ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଚରଣ ହେମ୍ବ୍ରମ ଓ ମହେନ୍ଦ୍ର କୁମାର ମିଶ୍ର ଓ କଳା କ୍ଷେତ୍ରରେ ଶରତ କୁମାର ପାତ୍ର ଓ ସୀମାଞ୍ଚଳ ପାତ୍ର ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହେବା ଗର୍ବ ଓ ଗୌରବର ବିଷୟ। କେବଳ ସେତିକି ନୁହେଁ ଏହି ଉପଲବ୍ଧି ଓଡ଼ିଶାର କଳା ଓ ସଂସ୍କୃତିକୁ ଜାତୀୟ ସ୍ତରରେ ନୂଆ ପରିଚୟ ଦେଇପାରିଛି। ଓଡ଼ିଶାର ଗରିମା ଓ ପ୍ରତିଭାକୁ ନିରନ୍ତର ବିଶ୍ୱଦରବାରରେ ପରିଚିତ ହୋଇପାରୁଛନ୍ତି ଯାହାକି ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ।

ନାଟ୍ୟଗୁରୁ ସୀମାଞ୍ଚଳ : ଓଡ଼ିଶାର ନାଟକ କ୍ଷେତ୍ରରେ ବେଶ ପରିଚିତ ନାଟ୍ୟଗୁରୁ ତଥା ବର୍ଷିଆନ ଅଭିନେତା ସୀମାଞ୍ଚଳ ପାତ୍ର ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଏଥିପୂର୍ବରୁ କେନ୍ଦ୍ର ସଂଗୀତ ନାଟକ ଏକାଡ଼େମୀ ପୁରସ୍କାର ପାଇଥିବା ଶ୍ରୀ ପାତ୍ର ଗଞ୍ଜାମ ଦିଗପହଣ୍ଡି ବ୍ଲକ ବୋମକେଇ ଗାଁରେ ୧୯୨୭ ଜୁଲାଇ ୭ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ଆସନ୍ତା ବର୍ଷରେ ସେ ଶହେ ବର୍ଷରେ ପଦାର୍ପଣ କରିବାକୁ ଯାଉଛନ୍ତି। ଦୀର୍ଘ ବର୍ଷ ଧରି ସେ 'ପ୍ରହ୍ଲାଦ' ନାଟକରେ ଅଭିନୟ ସହ ନିର୍ଦ୍ଦେଶନା ଦେଇ ଆସୁଛନ୍ତି। ପିଲାଟି ଦିନରୁ ମହାପ୍ରଭୁ ନୃସିଂହ ଉପାସନା ପ୍ରତି ଇଚ୍ଛା ପ୍ରକଟ କରିଥିଲେ ସୀମାଞ୍ଚଳ। ତାଙ୍କ ବାପା ସ୍ୱର୍ଗତଃ ସୁର ପାତ୍ର ମଧ ନାଟ୍ୟଗୁରୁ ଓ କଳାକାର ଥିଲେ। ବାପାଙ୍କୁ ପ୍ରଥମ ଗୁରୁ ଭାବେ ଗ୍ରହଣ କରି ସେ ଥିଏଟର ଜୟଯାତ୍ରା ଆରମ୍ଭ କରିଥିଲେ। ପ୍ରାୟ ୬/୭ ବର୍ଷ ବୟସରେ ଶ୍ରୀ ପାତ୍ର ପ୍ରଥମେ ସଖୀ ନାଟ ଗୁରୁ ନରସିଂହ ପ୍ରଧାନଙ୍କ ଠାରୁ ସଖୀ ନାଟ ଶିଖିଥିଲେ। ପରେ 'ପ୍ରହ୍ଲାଦ' ନାଟକର ପ୍ରହ୍ଲାଦ ଭୂମିକାରେ ଅଭିନୟ କରିଥିଲେ। ଗୁରୁ ଲକ୍ଷ୍ମଣ ଶତପଥୀ ଓ ତ୍ରିନାଥ ପ୍ରଧାନଙ୍କ ଠାରୁ ଦୀର୍ଘ ୨୦ ବର୍ଷ କାଳ 'ପ୍ରହ୍ଲାଦ' ନାଟକର ବିଭିନ୍ନ ଶୈଳୀ, ନୃତ୍ୟ, ଅଙ୍ଗଭଙ୍ଗୀ, ସଂଳାପ ଆଦି ପରିବେଷଣ ଶିଖିବା ସହ ନିଜକୁ ଏହି କ୍ଷେତ୍ରରେ ପ୍ରସିଦ୍ଧ କରାଇ ପାରିଥିଲେ। ୨୦ ବର୍ଷ ବୟସରେ ବୋମକେଇ ଗ୍ରାମରେ ଆୟୋଜିତ 'ପ୍ରହ୍ଲାଦ' ନାଟକର ମୁଖ୍ୟ ଭୂମିକାରେ ଅଭିନୟ କରି ସମସ୍ତଙ୍କୁ ଚମକାଇ ଦେଇଥିଲେ।

ଆଦିବାସୀ ସମୁଦାୟଙ୍କ ସ୍ୱର, ମହେନ୍ଦ୍ର : ଆମ ରାଜ୍ୟରେ ଅନାଲୋଚିତ ଆଦିବାସୀ ପୁରାଣ ଠାରୁ ଲୋକକଥା, ମହାକାବ୍ୟ ଠାରୁ ଆଦିବାସୀ ସମ୍ପ୍ରଦାୟର ମୌଖିକ ପରମ୍ପରା ଅନୁସୃତ ଦସ୍ତାବିଜର ସଂଗ୍ରହ ଓ ସଂରକ୍ଷଣ ସହ ଶିକ୍ଷା, ସାହିତ୍ୟ କ୍ଷେତ୍ରରେ ଉତ୍କର୍ଷତା ନିମିତ୍ତ ଆଦିବାସୀ ସମୁଦାୟଙ୍କ ସ୍ୱରର ସଂରକ୍ଷକ କୁହାଯାଉଥିବା ମହେନ୍ଦ୍ର କୁମାର ମିଶ୍ର ଚଳିତ ବର୍ଷ ପଦ୍ମଶ୍ରୀ ସମ୍ମାନ ପାଇଁ ମନୋନୀତ ହୋଇଛନ୍ତି। ଅବହେଳିତ ଆଦିବାସୀ ଗୋଷ୍ଠୀ ମଧ୍ୟରେ ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବାରେ ତାଙ୍କର ତୃଣମୂଳସ୍ତରର ଉଦ୍ୟମ ଆଜି ତାଙ୍କୁ ଏହି ସ୍ୱୀକୃତି ଦେଇଛି। ନୂଆପଡ଼ା ଜିଲ୍ଲାର ସିନା ପାଲି ଗାଁ ନିବାସୀ ଶ୍ରୀ ମିଶ୍ର ଓଡ଼ିଆ ଓ ଆଦିବାସୀ ଲୋକସାହିତ୍ୟ ଉପରେ ତାଙ୍କର ୨୫ରୁ ଅଧିକ ପୁସ୍ତକ ତାଙ୍କୁ ଭାରତର ଆଦିବାସୀ ସାହିତ୍ୟ ଐତିହ୍ୟର ଗୁରୁତ୍ୱପୂର୍ଣ୍ଣ ସଂରକ୍ଷକଙ୍କ ମଧ୍ୟରେ ଏକ ଅଗ୍ରଣୀ ସ୍ଥାନ ଦେଇଛି। ପୁସ୍ତକ ଗୁଡ଼ିକରେ ଓଡ଼ିଶାର ଜୁଆଙ୍ଗ, ମୁଣ୍ଡା ଓ ସାନ୍ତାଳ ଜନଜାତିଙ୍କ କାବ୍ୟ, କାହାଣୀ ଓ ଲୋକକଥା ସଂଗୃହୀତ ହୋଇଛି। ୨୦୧୮ରେ ସେ ତାଙ୍କ ପୁସ୍ତକ 'କଥା ଓ କାହାଣୀ' ପାଇଁ 'କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର' ପାଇଥିଲେ। ଆଦିବାସୀ ଲୋକକଳା ଉପରେ ଗବେଷଣା ପାଇଁ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଏବଂ ଇନଷ୍ଟିଚ୍ୟୁଟ ଅଫ ଆଡଭାନ୍ସଡ଼ ଷ୍ଟଡି ଭଳି ଅନୁଷ୍ଠାନରୁ ଫେଲୋସିପ ପ୍ରଦାନ କରାଯାଇଛି। ତାଙ୍କ କାର୍ଯ୍ୟ ଆଦିବାସୀ ଜ୍ଞାନ ପ୍ରଣାଳୀ ଓ ମୁଖ୍ୟଧାରା ସାହିତ୍ୟ ମଧ୍ୟରେ ଏକ ମଜଭୁତ ସେତୁ ଭାବେ କାମ କରୁଛି। ସାହିତ୍ୟ କ୍ଷେତ୍ରରେ ୟୁନେସ୍କୋ ପୁରସ୍କାର ପାଇଥିବା ସେ ଏକମାତ୍ର ଭାରତୀୟ, ଯାହା ତାଙ୍କର ସାଂସ୍କୃତିକ ସଂରକ୍ଷଣ ପ୍ରତି ଅସାଧାରଣ ଅବଦାନକୁ ବିଶ୍ୱସ୍ତରୀୟ ସ୍ୱୀକୃତି ଦେଇଛି। ସେ ତାଙ୍କର ପୌରାଣିକ କଥା, ମହାକାବ୍ୟ, ପ୍ରବଚନ ଓ ଲୋକଗୀତକୁ ସଂଗ୍ରହ କରି ପିଢ଼ିରୁ ପିଢିକୁ ଚାଲି ଆସୁଥିବା ମୌଖିକ ପରମ୍ପରାକୁ ବିଲୁପ୍ତରୁ ରକ୍ଷା କରିଛନ୍ତି। ଏବେ ଛତିଶଗଡ଼, ରାୟପୁରରେ ରହୁଥିବା ଛତିଶଗଡ଼ ସରକାରରେ ଆଦିବାସୀ ଉନ୍ନୟନ ଉପରେ କାମ କରୁଛନ୍ତି। ଓଡ଼ିଶାର ଗଣଶିକ୍ଷା ବିଭାଗରେ ବି ସେ କିଛି ବର୍ଷ କାମ କରିଛନ୍ତି।

ଗୀତଗୋବିନ୍ଦ ଖଣ୍ଡୁଆପାଟର ବିନ୍ଧାଣୀ ଶରତ : ମହାପ୍ରଭୁଙ୍କ ନୀତିରୀତିକାନ୍ତି ଓ ମହାର୍ଘ ବେଶ ପରିପାଟୀ ଭିତରେ ଗୀତଗୋବିନ୍ଦ ଖଣ୍ଡୁଆ ପାଟର ଅପୂର୍ବ ଆକର୍ଷଣ ରହିଛି। ହସ୍ତତନ୍ତ ପାଇଁ ପ୍ରସିଦ୍ଧ ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ଗ୍ରାମର ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ବୁଣାକାର ଶରତ କୁମାର ପାତ୍ରଙ୍କୁ ଗୀତଗୋବିନ୍ଦ ଖଣ୍ଡୁଆ ପାଟ ବୟନ ସହ ବୟନ କାର୍ଯ୍ୟରେ ଉଲ୍ଲେଖଯୋଗ୍ୟ ଅବଦାନ ପାଇଁ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ସୂଚନାଥାଉକି ଶ୍ରୀ ପାତ୍ରଙ୍କ ପରିବାର ପକ୍ଷରୁ ପୁରୁଷାନୁକ୍ରମେ ପୁରୀ ଶ୍ରୀମନ୍ଦିରକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ଅଙ୍ଗବସ୍ତ୍ର ସହ ଗୀତଗୋବିନ୍ଦ ଖଣ୍ଡୁଆ ପାଟ ଯୋଗାଇ ଆସୁଛନ୍ତି। ଶରତଙ୍କ ବାପା ସୁନାମଧନ୍ୟ ବୁଣାକାର ସ୍ୱର୍ଗତ ଗୋପାଳ ପାତ୍ରଙ୍କ ସମେତ ତାଙ୍କ ଜେଜେବାପା, ଜେଜେଙ୍କ ବାପା ଏହି କାର୍ଯ୍ୟ ସମ୍ପାଦନ କରି ଆସୁଥିଲେ। ଶରତ ୭/୮ ବର୍ଷ ବୟସରୁ ଏହି ବୟନ କାର୍ଯ୍ୟ ଆରମ୍ଭ କରିଥିଲେ। ଦଶାବତାର ଗୀତଗୋବିନ୍ଦ ବୟନ କାର୍ଯ୍ୟ ପାଇଁ ଶତର ଓ ତାଙ୍କ ବଡ଼ଭାଇ ସୁରେନ୍ଦ୍ର କୁମାର ପାତ୍ରଙ୍କୁ ଯୁଗ୍ମ ଭାବେ ୧୯୯୩ ମସିହାରେ ଜାତୀୟ ପୁରସ୍କାର ଓ ବୁଦ୍ଧଦେବଙ୍କ ଜୀବନଚକ୍ର ବୟନ ପାଇଁ ୨୦୧୫ ମସିହାରେ ଶରତଙ୍କୁ ସନ୍ଥ କବୀର ପୁରସ୍କାର ପ୍ରଦାନ କରାଯାଇଥିଲା। ଶରତ ବର୍ତ୍ତମାନ ସମୟରେ ମୁଖ୍ୟତଃ ଗବେଷଣାଭିତ୍ତିକ ବୟନ କାର୍ଯ୍ୟରେ ଲିପ୍ତ ରହିଛନ୍ତି। ବୟନରେ ରାସାୟନିକ ରଙ୍ଗ ବଦଳରେ ପ୍ରାକୃତିକ ରଙ୍ଗର ବହୁଳ ବ୍ୟବହାର ଓ ନୂତନ ଢ଼ାଞ୍ଚାରେ ବୟନ କାର୍ଯ୍ୟ ସମ୍ପାଦିତ କରିବା ନେଇ ସେ ଗବେଷଣା କରୁଛନ୍ତି। ଏଥି ସହିତ ସେ ଉପେନ୍ଦ୍ର ଭଞ୍ଜଙ୍କ ବିଭିନ୍ନ କାବ୍ୟ, ହନୁମାନ ଚାଳିଶା, କାଳିଦାସଙ୍କ ମେଘଦୂତ କାବ୍ୟ, ସନ୍ଥ କବି ଭୀମଭୋଇଙ୍କ ପାଦ ବନ୍ଦନା, ଅମ୍ବିକା ବିଳାସ କାବ୍ୟରେ ଥିବା ବାହାଘର ବର୍ଣ୍ଣନା ଉପରେ ଲେଖା ଓ ଚିତ୍ର, କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ବସନ୍ତ ବର୍ଣ୍ଣନା ଉପରେ ଲେଖା, ଗଙ୍ଗାଧର ମେହେରଙ୍କ ତପସ୍ୱିନୀ କାବ୍ୟର ବର୍ଷା ଋତୁର ବର୍ଣ୍ଣନା, ମହାବୀର ଜୈନଙ୍କ ଜୀବନୀ, ମହାତ୍ମା ଗାନ୍ଧୀ, ଗୌତମ ବୁଦ୍ଧଙ୍କ ଜୀବନୀ ସମେତ ବିଭିନ୍ନ ପ୍ରାକୃତିକ ଚିତ୍ର କପଡ଼ା ଉପରେ ଦର ଭାବେ ନିଜର ନିପୁଣ ବୟନ କଳା ମାଧ୍ୟମରେ ପ୍ରଦର୍ଶିତ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି।






ଆଦିବାସୀଙ୍କ ପାଇଁ ସମର୍ପିତ ସେବକ ଚରଣ : ଓଡ଼ିଶାର ପ୍ରାଚୀନତମ ଜନଜାତି ଆଦିବାସୀ ମାନଙ୍କ ଜ୍ଞାନ ବିଜ୍ଞାନ ଓ ବିକାଶ ପାଇଁ ବର୍ଷ ବର୍ଷ ଧରି ଲେଖନୀ ମୁନରେ ସମୃଦ୍ଧ କରୁଥିବା ଆଦିବାସୀ ଜନଜାତି ସାହିତ୍ୟ ସ୍ରଷ୍ଟା ଚରଣ ହେମ୍ବ୍ରମ ଚଳିତ ବର୍ଷ ପଦ୍ମଶ୍ରୀ ପୁରସ୍କାର ପାଇଛନ୍ତି। ଆଦିବାସୀ ପିଲାଙ୍କ ପାଇଁ ଶିକ୍ଷା ନିମିତ୍ତ ଏକାଧିକ ଶିକ୍ଷାନୁଷ୍ଠାନ ଗଢ଼ିଥିବା ଚରଣ ବାବୁଙ୍କ ଶାନ୍ତ ସରଳ, ନିରାଡ଼ମ୍ବର ଓ ପ୍ରଫୁଲ୍ଲିତ ଜୀବନ ନିଶ୍ଚିନ୍ତ ଭାବରେ ଆମ ସମସ୍ତଙ୍କ ପାଇଁ ପ୍ରେରଣା। ୧୯୫୨ ମସିହାରେ ଚରଣ ହେମ୍ବ୍ରମ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ବାପା ହେଉଛନ୍ତି ଶାଙ୍ଗ ହେମ୍ବ୍ରମ ଓ ମାଆ କାର୍ମୀ ହେମ୍ବ୍ରମ। ଶ୍ରୀ ହେମ୍ବ୍ରମଙ୍କ ପତ୍ନୀ ଶୁକୁରମଣି ହେମ୍ବ୍ରମ୍ ସହ ଚାରି ପୁଅ ସଞ୍ଜୀବ କୁମାର ମାଝୀ, ଲକ୍ଷ୍ମଣ କୁମାର ମାଝୀ, ପ୍ରଶାନ୍ତ କୁମାର ମାଝୀ, କାଞ୍ଚନ କୁମାର ହେମ୍ବ୍ରମ ଏବଂ ଝିଅ କାମିନୀ ମାଝୀ ଅଛନ୍ତି। ଅଲଚିକି ଭାଷାର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ଶ୍ରୀ ହେମ୍ବ୍ରମ୍ ୩୦ ବର୍ଷ ହେଲା ଆଦିବାସୀ ସମ୍ପ୍ରଦାୟର ବିକାଶ ପାଇଁ ଲେଖନୀ ଚାଳନା କରୁଛନ୍ତି। ବିଶେଷକରି ଭାଷା, ଗୀତ, ନୃତ୍ୟ, ପରମ୍ପରା ଆଦିର ସୁରକ୍ଷା ଦିଗରେ ଉଦ୍ୟମ ଜାରି ରଖିଛନ୍ତି। ଏ ଯାଏଁ ହେମ୍ବ୍ରମ ସାନ୍ତାଳୀ ଓ ଓଡ଼ିଆ ଭାଷାରେ ମୋଟ ଆଠଟି ପୁସ୍ତକ ରଚନା କରିଛନ୍ତି। ଯେଉଁଥିପାଇଁ ତାଙ୍କୁ ଅନେକ ଜିଲ୍ଲା, ରାଜ୍ୟ ଓ ଜାତୀୟସ୍ତରୀୟ ପୁରସ୍କାର ମିଳିଛି।

ଦେଶ ତଥା ଆମ ମହାନ ଓଡ଼ିଶା ମାଟିକୁ ସମୃଦ୍ଧ ଓ ଗୌରବାନ୍ୱିତ କରିବାରେ ଏହି ସାଧାରଣ ଗରିମାମୟ ନାଗରିକଙ୍କ ଅସାଧାରଣ କାର୍ଯ୍ୟକୁ ପଦ୍ମ ସମ୍ମାନ ସ୍ୱୀକୃତି ନିଶ୍ଚିନ୍ତ ଭାବରେ ଏକ ବଡ଼ ସମ୍ମାନ ଯାହାକି ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ।

**ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,**
**ଦୂରଭାଷ : ୯୯୩୭୧୭୨୮୧୦**


## ରଙ୍ଗମଞ୍ଚ ଡ଼ାକେ ଆ...ଆ..

ଅପେରା ଆଇଟମ୍ ଶ୍ରୀଗୋବିନ୍ଦ

# ନଈ ସେପାରି କନକଗୋରୀ ମୋର ପ୍ରଥମ ହିଟ୍ ନାଟକ-ସୁବାସ ବେହେରା







ଜୀବନକୁ ଯାତ୍ରାମୟ କରିବା ପଛରେ ଯାତ୍ରାର ଭୂମିକା ଢ଼େର ବେଶି । ପାଠପଢ଼ିବା ଓ ଚାକିରି କରିବା ମୋର ଯେତିକି ଲକ୍ଷ୍ୟ ଥିଲା, ବାପାଙ୍କର ମଧ୍ୟ ଆହୁରି ବଡ଼ ସ୍ୱପ୍ନ ଥିଲା । ଗାଁ ଗହଳୀରେ ଚାଷବାସ କରି ବୃତ୍ତି କରିବା ଅପେକ୍ଷା ଅନେକ ପିତାମାତାଙ୍କର ସେତେବେଳେ ସ୍ୱପ୍ନ ଥିଲା, ପୁଅ ଭଲ ପାଠପଢୁ ଓ ସରକାରୀ ଚାକିରି କରୁ । ମୋ ବାପା ବି କାହିଁକି ସେ ସ୍ୱପ୍ନ ଦେଖିବାରୁ ଅବହେଳା କରବେ । ସେ ମଧ୍ୟ ସେଇଆ ଚାହୁଥିଲେ ଓ ଏତେ ଅଭାବ ମଧ୍ୟରେ ମଧ୍ୟ ସେ ଇଞ୍ଜିନିୟରିଂ ପଢ଼େଇବାକୁ ପଛେଇ ଯାଇ ନଥିଲେ । ମୁଁ ଇଞ୍ଜିନିୟରିଂ ସାରିବା ପରେ ରାଉଲକେଲା ଷ୍ଟିଲ୍ ପ୍ଲାଣ୍ଟରେ ଚାକିରି କରିଥିଲି । ବିଧିର ବିଧାନ ତ ଅଲଗା ଥିଲା । ମୁଁ ସେଠାରେ ବିଭିନ୍ନ ନାଟକ ଅନୁଷ୍ଠାନ ସହିତ ଜଡ଼ିତ ହୋଇ ଥିଏଟରରେ ଅଭିନୟ କରିଥିଲି । କଳିଙ୍ଗ କଳା ପରିଷଦ, ସଂକଳ୍ପ, ଶ୍ରୀକ୍ଷେତ୍ର କଲଚୁରାଲ ଆସୋସିଏସନ୍ ଆଦି ଥିଏଟର ମଞ୍ଚରେ ଅଭିନୟ କରିବା ପରେ ନାଟକ ପ୍ରତି ଅହେତୁକ ଦୁର୍ବଳତା ଆସିଥିଲା । ୧୯୯୫ ମସିହାରେ ରାଉଲକେଲାରୁ ଚାକିରି ଛାଡ଼ି ଆସି ପ୍ରଥମେ ମର୍ତ୍ତ୍ୟ ଅପେରାରେ ଯୋଗ ଦେଇଥିଲି । ଦୁଇବର୍ଷ ସେଠାରେ ଅଭିନୟ କରିବା ପରେ ମହାବୀର ଗଣନାଟ୍ୟ ପରେ ତାରିଣୀ, କୋଣାର୍କ, ବାଣେଶ୍ୱରୀ, ଗୌରୀ, ଜଗନ୍ନାଥ, ତୁଳସୀ, ରଙ୍ଗମହଲ, ସୂର୍ଯ୍ୟ ମନ୍ଦିର, ସ୍ୱର୍ଣ୍ଣ ମହଲ ଆଦି ଯାତ୍ରାନୁଷ୍ଠାନରେ ଆଜିଯାଏ ଅଭିନୟ କରିବାର ସୁଯୋଗ ସୃଷ୍ଟି ହେଲା ।

ମୋ ଜୀବନର ଯାତ୍ରା ଜୁନୁଦା, ମତୋ, ଭଦ୍ରକରୁ ଆରମ୍ଭ ହୋଇଥିଲେ ବି ଅଭିନୟର ଯାତ୍ରାରେ ଅବିରତ ଚାଲିଛି । ମୋତେ ଆଜି ଜଣେ କଳାକାର ଭାବରେ ସ୍ୱୀକୃତି ଦେବାରେ ଅଗଣିତ ଦର୍ଶକ ଭଗବାନ ଯେତିକି ସହୃଦୟତା ଓ ଭଲ ପାଇବା ଦେଇଛନ୍ତି, ସେମାନଙ୍କ ନିକଟରେ ମୁଁ ସର୍ବଦା ଋଣୀ । ବାପା ହୃଷିକେଶ ବେହେରା ଜଣେ ସାଧାରଣ ଚାଷୀ ଓ ମାଆ ସୁଗୃହିଣୀ ହୋଇଥିଲେ ବି ସେମାନଙ୍କର ଅବଦାନ ମୋ ପ୍ରତି ଅନେକ । ଆଜି ଯଦି ମଣିଷ ଭଳି ମଣିଷଟେ ହୋଇ ଛିଡ଼ା ହୋଇଛି, କେବଳ ସେମାନଙ୍କର ଆଶୀର୍ବାଦ ପାଇଁ ସମ୍ଭବ ହୋଇପାରିଛି । ପ୍ରଥମେ ଯାତ୍ରା ପାର୍ଟିରେ ଯୋଗ ଦେବା ସମୟରେ ଯଦିଓ ବାପା ଏ ଦିଗରେ ଯାଏ ବୋଲି ଚାହୁଁ ନଥିଲେ, ପରବର୍ତ୍ତୀ ସମୟରେ ମୋତେ ଦର୍ଶକଙ୍କ ସ୍ୱୀକୃତି ମିଳିବା ପରେ ଆଉ ଏ ମନଊଣା ତାଙ୍କର ରହି ନଥିଲା । ମୋ ତଳେ ଆହୁରି ଚାରି ଭଉଣୀ ଥିବାରୁ ଘରର ସମସ୍ତ ଜଞ୍ଜାଳ ମୋ ଉପରେ ନ୍ୟସ୍ତ ଥିଲା । ଆଜି ଯେଉଁସବୁ ପରିସ୍ଥିତି ଦେଇ ଗତି କରିଛି ଓ ସୁରୁଖୁରୁରେ ସମାଧାନ କରି ଜୀବନର ନନ୍ଦିଘୋଷ ଗଡ଼େଇ ଚାଲିଛି, ଯାତ୍ରା ମୋର ବୃତ୍ତି ଓ ପ୍ରବୃତ୍ତି ହୋଇଥିବା କାରଣରୁ, ସବୁ ସମ୍ଭବ ହୋଇପାରିଛି । ଏହି ଜାଗାରେ ପହଞ୍ଚିବା ପାଇଁ ଅନେକ ଘାତ ଓ ପ୍ରତିଘାତ ଦେଇ ଗତି କରିବାକୁ ହୋଇଛି । ଯେତେବେଳେ ଯାତ୍ରାରେ ପ୍ରବେଶ କରିଥିଲି, ସେତେବେଳେ ବରିଷ୍ଠ କଳାକାରଙ୍କ ଅସହିଷ୍ଣୁପଣିଆ ଓ ଛୋଟ କଳାକାର ଭାବରେ ଅନେକ ହୀନମନ୍ୟତାରେ ଶିକାର ହେବାକୁ ପଡ଼ିଛି । ଅନେକ ମାଡ଼ଗାଳି, ଅପମାନ ବି ସହିବାକୁ ପଡ଼ିଛି ।

ପ୍ରଥମେ ମୋତେ ତାରିଣୀ ଗଣନାଟ୍ୟର ନାଟକ ନଈ ସେପାରୀ କନକ ଗୋରୀ ଦର୍ଶକଙ୍କ ପାଖରେ ପହଞ୍ଚେଇବାର ବଡ଼ ଭୂମିକା ନେଇଥିଲା । ପରେ ପରେ କାରଗିଲ୍ ଜଳୁଛି, କେନ୍ଦ୍ରାପଡ଼ାର ଝିଅ, ଦୂରଦର୍ଶନ ଭୁବନେଶ୍ୱର, ବନ୍ଦୀ ଆମେ ଗାନ୍ଧୀ ଛକରେ, ସଜେଇ ଦିଅଲୋ ବେଦୀକୁ ଯିବି, ସତୀ ଅସତୀ ମହାସତୀ, ଡ଼ାକବଙ୍ଗଳା, ମୁଁ ଜମା କାନ୍ଦିବିନି, ସବୁ ପର ଲୁହ ନିଜର, ଚାରିଛକର ତିନିଝିଅ, ଅର୍ଦ୍ଧାଙ୍ଗିନୀ, ଶହେ ମାନସିକ ତୋରି ପାଇଁ, ବାଜିବଲୋ ସାହାନାଇ, କିଏ କଳା ମୁନୀକୁ ବଦନାମ, କିଏ ରଙ୍ଗ ଲଗେଇଦେଲା, ସ୍ୱାମୀମାନେ ସାବଧାନ, ଶୁନ୍ ଫୋଟକା, ଭଦ୍ରକିଆ ଟୋକା, ବଡ଼ଦାଣ୍ଡର ଭିକାରୀ, ଗୁହାରୀ ଶୁଣ ଦିନବନ୍ଧୁ, ବଡ଼ଲୋକ ଛୋଟଲୋକ, କେତେ ଦୁଃଖ ଦେବୁ ଦେ'ରେ କାଳିଆ, ସ୍ୱାମୀ ପାଇଁ ପଛେ ନର୍କକୁ ଯିବି, ଗରୀବର ଦୁଃଖ ଦେଖିଛି କିଏ ଆଦି ନାଟକ ମୋ ଜୀବନର ଗୋଟେ ଗୋଟେ ମାଇଲଖୁଣ୍ଟ ।

ଜୀବନର ଅନେକ ଘଟଣା ଓ ଦୁର୍ଘଟଣା ମଧ୍ୟ ଯାତ୍ରାରେ ଘଟିଛି । ସେହିଭଳି ଏକ ଘଟଣା ହେଲା, ଗୌରୀ ଗଣନାଟ୍ୟରେ ୨୦୦୬ ମସିହାରେ ଅଭିନୟ କରୁଥିଲି । ସେ ସମୟରେ ପାର୍ଟି ବେଙ୍ଗଲ ଯାତ୍ରା କରିବାକୁ ଯାଉଥାଏ । ମୋ ସହିତ ବାପି ପଣ୍ଡା, ବିଜୟ ରଥ, ଟୁନି ମଲ୍ଲିକ ଆଦି ସହ କଳାକାରମାନେ ଥାଆନ୍ତି । ବାଟରେ ଯାଉଥିବା ସମୟରେ ବେଙ୍ଗଲର କିଛି ଲୋକ ଆମକୁ ବାଟରେ ଅଟକାଇ ଚାନ୍ଦା ମାଗିଲେ । ଆମେ ଚାନ୍ଦା ନଦେବାରୁ ଆମକୁ ମାଡ଼ କରି କ୍ଷତାକ୍ତ ବି କରିଦେଲେ । ଯାତ୍ରା ଯେଉଁ ସ୍ଥାନରେ ହେବା କଥା ବନ୍ଦ ହୋଇ ରହିଲା । ତିନିଦିନ ବନ୍ଦ ହେବା ପରେ ବେଙ୍ଗଲ ପୁଲିସ ସୁରକ୍ଷା ଦେଇ ଓଡ଼ିଶା ସୀମାରେ ଛାଡ଼ିଲେ । ସେଦିନର କଥା ମନେ ପଡ଼ିଲେ ଲାଗେ, ଆମେ କେତେ ଅସୁରକ୍ଷିତ ଭାବରେ ଯାତ୍ରା କରିବାକୁ ବିଭିନ୍ନ ଆଡ଼କୁ ଯାଉ । ଯଦି ବାଟରେ କେହି ମାଡ଼ ମାରେ କି ହଇରାଣ କରେ ଆମହାତରେ କରିବାର କିଛି ଚାରା ନଥାଏ । ଯାହା ଏହି ବେଙ୍ଗଲ ଅନୁଭୂତିରୁ ଜଣାପଡ଼େ । ବେଙ୍ଗଲ ଯିବାବେଳେ ଏମିତି ଥରେ ଅଧେ ନୁହେଁ ଅନେକଥର ସେଠାକାର କିଛି ଖଳଲୋକଙ୍କ ହାବୁଡ଼ରେ ପଡ଼ି ହଇରାଣ ହେବା ନୂଆ କଥା ନୁହେଁ । ଆମେ ଯେଉଁଥର ଏଭଳି ଘଟଣାର ସମ୍ମୁଖୀନ ହେଲୁ, ଯିବା ବାଟରେ ଗୋଟେ ଜାଗା ନୁହେଁ ୪/୫ଜାଗାରେ ପ୍ରତିବନ୍ଧକରେ ସମ୍ମୁଖୀନ ହେବାକୁ ପଡ଼ିଥିଲା ।

'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com